ଧରିତ୍ରୀ
DHARITRI
ଗୁରୁବାର, ୨୩ ସେପ୍ଟେମ୍ବର, ୨୦୨୧



## ଷ୍ଟେଟବ୍ୟାଙ୍କର ରଣମେଳା

**କୋରୁକୋଣ୍ଡା,(ଡି.ଏନ୍.ଏ.):** ମାଲକାନଗିରି ଜିଲା ଓର୍‌କେଲସ୍ଥିତ ଷ୍ଟେଟବ୍ୟାଙ୍କ ଅଫ୍ ଇଣ୍ଡିଆ ପକ୍ଷରୁ ବୁଧବାର ଏକ ରଣମେଳା ଅନୁଷ୍ଠିତ ହୋଇଯାଇଛି। କୋରୁକୋଣ୍ଡା ବ୍ଲକରେ ଥିବା ୩୧ଟି ସ୍ୱୟଂ ସହାୟକ ଗୋଷ୍ଠୀ(ଏସ୍‌ଏଚ୍‌ଜି)କୁ ୬୨ ଲକ୍ଷ ଟଙ୍କାର ରଣ ପ୍ରଦାନ କରାଯାଇଛି। ଏହି ରଣକୁ ଉଚିତ ବିନିଯୋଗ କରିବାକୁ ଅତିଥିଭାବେ ଉପସ୍ଥିତ ଡିଆର୍‌ଡିଏ ଜୀବିକା ମିଶନ ଏପିଡି ବାଲାଜୀ ପଟ୍ଟନାୟକ, ବିଡିଓ ଅଂଶୁମାନ ମହାପାତ୍ର, କାର୍ଯ୍ୟନିର୍ବାହୀ ଅଧିକାରୀ କୃଷ୍ଣଚନ୍ଦ୍ର ରଥ, ଜୀବିକା ମିଶନର ଡିପିଏମ୍ ପବିତ୍ର ମୋହନ ବାରା, ରାମା ବିଶ୍ୱାସ, ବିଏଲ୍‌ସି ଶିବ ଗଣ୍ଡ ପ୍ରମୁଖ ପରାମର୍ଶ ଦେଇଥିଲେ। ଶାଖା ପରିଚାଳକ କଙ୍କଣ କୁମାର ବିଶ୍ୱାସ ମେଳା ପରିଚାଳନା କରିଥିଲେ।

## ଜନ୍ମଦିନର ଶୁଭେଚ୍ଛା

ନାମ: ...............................

ବୟସ:...............................

ଜନ୍ମ ତାରିଖ: ...............................



ଜଗା
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।

## ସ୍କୁଲରେ ଶିକ୍ଷୟିତ୍ରୀ ସ୍ତ୍ରୀଙ୍କ...

ଆହତ ଶିକ୍ଷୟିତ୍ରୀଙ୍କୁ ଲୋକେ ଉଦ୍ଧାର କରି ମେଡିକାଲ ପଠାଇଛନ୍ତି। ଏକ ମାମଲା ରୁଜୁ କରି ପୋଲିସ ସମ୍ପୃକ୍ତ ଶିକ୍ଷକଙ୍କୁ ଥାନାରେ ଅଟକ ରଖି ପଚରାଉଚରା କରୁଛି। ବୁଧବାର ପୂର୍ବାହ୍ନ ସାଢ଼େ ୯ଟାରେ ଦୁର୍ଗାପାଲି ସରକାରୀ ଉନ୍ନୀତ ଉଚ୍ଚ ବିଦ୍ୟାଳୟର ଶିକ୍ଷୟିତ୍ରୀ ସଞ୍ଜୁରାଣୀ ଦେବତା (୨୫) ସ୍କୁଲ କମନ୍ ରୁମ୍‌ରେ ବସିଥିଲେ। ଏହି ସମୟରେ ସେହି ସ୍କୁଲ ପରିସରକୁ ତାଙ୍କ ସ୍ୱାମୀ ପ୍ରଦୀପ ପଣ୍ଡା ଏକ ବ୍ୟାଗ୍ ଧରି ପଶିଥିଲେ। ସ୍ତ୍ରୀ ସଞ୍ଜୁରାଣୀଙ୍କୁ କଥା ହେବା ପାଇଁ ଡାକି ହଠାତ୍ ବ୍ୟାଗରେ ଥିବା ଛୁରିରେ ତାଙ୍କ ତଣ୍ଟି କାଟିଦେବା ପାଇଁ ଉଦ୍ୟମ କରିଥିଲେ। ସ୍ୱାମୀଙ୍କ ଅତର୍କିତ ଆକ୍ରମଣରେ ଭୟଭୀତ ସଞ୍ଜୁଲତା ପ୍ରାଣ ବିକଳରେ ଅନ୍ୟ ଏକ କୋଠରିକୁ ପଶି ଯାଇଥିଲେ। ଚିତ୍କାର ଶୁଣି ଅନ୍ୟ ଶ୍ରେଣୀ କୋଠରିରେ ଥିବା ଶିକ୍ଷକ ଏବଂ ଆଖପାଖରେ ଥିବା ଲୋକେ ସେଠାକୁ ଆସି ଆକ୍ରମଣକାରୀ ପଣ୍ଡାଙ୍କୁ କାବୁ କରିଥିଲେ। ପୋଲିସ ପହଞ୍ଚି ଅଭିଯୁକ୍ତ ପଣ୍ଡାଙ୍କ ସହ ସେ ଧରିଥିବା ଛୁରି ଏବଂ ବ୍ୟାଗ୍‌ରେ ଥିବା ଏସିଡ୍, ପେଟ୍ରୋଲ ବୋତଲ, ଦିଆସିଲି ଏବଂ ଅନ୍ୟ ସାମଗ୍ରୀକୁ ଜବତ କରିଥିଲା। ଆହତ ଶିକ୍ଷୟିତ୍ରୀଙ୍କୁ ବଲାଙ୍ଗୀର ଭୀମ ଭୋଇ ମେଡିକାଲ କଲେଜ ଆଣ୍ଡ ହସ୍ପିଟାଲରେ ଭର୍ତ୍ତି କରାଯାଇଛି। ତାଙ୍କ ତଣ୍ଟିରେ ଦୁଇଟି ଷ୍ଟିଚ୍ ପଡିଛି। ଜୀବନରେ ମାରିଦେବା ଉଦ୍ଦେଶ୍ୟ ରଖି ସଞ୍ଜୁଲତାଙ୍କୁ ଆକ୍ରମଣ କରାଯାଇଥିବା ପୁଇଁତଲା ଥାନାରେ ଅଭିଯୋଗ ହୋଇଛି। ସଞ୍ଜୁଲତା ଏବଂ ପ୍ରଦୀପଙ୍କ ମଧ୍ୟରେ ୧୦ ମେ ୨୦୨୦ରେ ବିବାହ ହୋଇଥିଲା। ସଞ୍ଜୁଲତା ଓ ପ୍ରଦୀପ ଉଭୟ ସଂସ୍କୃତ ଶିକ୍ଷକ ଭାବେ କାର୍ଯ୍ୟରତ ଅଛନ୍ତି। ସଞ୍ଜୁଲତା ଦୁର୍ଗାପାଲି ସ୍କୁଲରେ ଶିକ୍ଷୟିତ୍ରୀ ଥିବାବେଳେ ପ୍ରଦୀପ ଟିଟିଲାଗଡ଼ ନିକଟ ସିଲୁଆ ହାଇସ୍କୁଲରେ ଶିକ୍ଷକ ଅଛନ୍ତି। ପ୍ରଦୀପ ଏବଂ ଶ୍ୱଶୁର ଘର ଲୋକେ ଯୌତୁକ ନିର୍ଯାତନା ଦେଉଥିବା ସଞ୍ଜୁଲତା ଅଭିଯୋଗ କରିଛନ୍ତି। ପ୍ରଦୀପ ସଞ୍ଜୁଲତାଙ୍କୁ ବାରମ୍ବାର ମାଡ଼ ମାରିବାରୁ ସ୍ୱାମୀ-ସ୍ତ୍ରୀ କିଛି ଦିନ ପୂର୍ବରୁ ଛାଡ଼ପତ୍ର ପାଇଁ କୋର୍ଟରେ ଆବେଦନ କରିଥିବା ଜଣାପଡିଛି। ଏହି ଘଟଣା ଘଟିବା ସମୟରେ ସ୍କୁଲ ଭିତରେ ଛାତ୍ରୀଛାତ୍ର ଉପସ୍ଥିତ ଥିଲେ।

## ନିବେଶକ, ବିଜ୍‌ନେସ୍ ...

ରଖାଯାଇଥିଲେ ମଧ୍ୟ ପରୀକ୍ଷଣ ଏବଂ ବିଭିନ୍ନ ଅଂଶୀଦାରଙ୍କୁ ଗୋଟିଏ ପ୍ଲାଟ୍‌ଫର୍ମକୁ ଆଣିବାରେ ସମସ୍ୟା ରହିଥିଲା। ଏହା ଏକ ସ୍ୱେଚ୍ଛାକୃତ ପ୍ରକ୍ରିୟା ହୋଇଥିବା ବେଳେ କାହାକୁ ଏଥିଲାଗି ବାଧ୍ୟ କରାଯାଉନାହିଁ। ଡିସେମ୍ବର ଯାଏ ଅପେକ୍ଷା ନ କରି ବର୍ତ୍ତମାନ ଏହାର ସଫ୍ଟ ଲଞ୍ଚ କରାଯାଇଛି। କୌଣସି ନିବେଶ ପ୍ରସ୍ତାବ ଲାଗି ବିଭିନ୍ନ ବିଭାଗର ମଞ୍ଜୁରୀ ଲୋଡ଼ା ପଡ଼ିଥାଏ। ମାତ୍ର ବର୍ତ୍ତମାନ ଗୋଟିଏ କ୍ଲିକ୍‌ରେ ଏହା ହୋଇଯିବ ବୋଲି ଗୋୟଲ କହିଛନ୍ତି। ଏକ ସିଙ୍ଗଲ ଡ୍ୟାସ୍ ବୋର୍ଡରେ ସ୍ୱଚ୍ଛତା ଏବଂ ଉତ୍ତରଦାୟିତ୍ୱ ରକ୍ଷା ଦିଗରେ ଏହା ସହାୟକ ହେବ। ବାଣିଜ୍ୟ ଲାଗି ଅନୁପାଳନ ବୋଝକୁ କମାଇବା ଦିଗରେ ଉଭୟ କେନ୍ଦ୍ର ଏବଂ ରାଜ୍ୟ ସରକାର ଉଦ୍ୟମ କରୁଥିବା ଗୋୟଲ ସ୍ପଷ୍ଟ କରିଛନ୍ତି।

## ପ୍ରଥମ ପୃଷ୍ଠାରୁ...

## ଓଡ଼ିଆ ଚାଷୀ ସବୁଠୁ ...

ପରିବାରର ଜମି ଓ ଜୀବିକା ଆଦିକୁ ନେଇ ଏନ୍‌ଏସ୍‌ଓ ପକ୍ଷରୁ ହୋଇଥିବା ସର୍ଭେରେ ଚାଷୀମାନଙ୍କ ମାସିକ ରୋଜଗାର ସମ୍ପର୍କରେ ଉଲ୍ଲେଖ କରାଯାଇଛି। ଝାଡ଼ଖଣ୍ଡ ଚାଷୀଙ୍କର ମାସିକ ଆୟ ୪,୮୯୫ ଟଙ୍କା ରହିଛି, ଯାହାକି ଦେଶରେ ସର୍ବନିମ୍ନ। ଏହାପରେ ରହିଛନ୍ତି ଓଡ଼ିଶାର ଚାଷୀ। ସେମାନଙ୍କର ମାସିକ ଆୟ ୫ ହଜାର ୧୧୨ ଟଙ୍କା ରହିଛି। ଚାଷୀମାନଙ୍କ ଆୟ ଦୁଇଗୁଣା କରିବାକୁ ରାଜ୍ୟ ସରକାର କୃଷି କ୍ୟାବିନେଟ, କୃଷି ବଜେଟ ଭଳି ସ୍ୱତନ୍ତ୍ର ବ୍ୟବସ୍ଥା କରିବା ସହ ସେମାନଙ୍କୁ ଆର୍ଥିକ ସହାୟତା ପାଇଁ କାଳିଆ ଯୋଜନା କରିଛନ୍ତି। ଏଥିରେ ପ୍ରତ୍ୟେକ ଚାଷୀଙ୍କୁ ୨ ହଜାର ଟଙ୍କା ଲେଖାଏ ସହାୟତା ପ୍ରଦାନ କରାଯାଉଛି। ଏ ବାବଦରେ ୨୦୧୯ ଜାନୁୟାରୀ ସୁଦ୍ଧା ରାଜ୍ୟ ସରକାର ପ୍ରାୟ ୯ ହଜାର କୋଟି ଟଙ୍କା ଖର୍ଚ୍ଚ କରି ସାରିଲେଣି। ୨୦୨୧-୨୨ରେ ରାଜ୍ୟ ସରକାର କୃଷି ବଜେଟରେ ୧୭,୪୬୯ କୋଟି ଟଙ୍କା ବ୍ୟୟବରାଦ କରିଛନ୍ତି, ଯାହାକି ୨୦୧୨-୧୩ କୃଷି ବଜେଟ(୫୬୨୭ କୋଟି) ତୁଳନାରେ ପ୍ରାୟ ତିନିଗୁଣ। ସେହିପରି ଚାଷୀଙ୍କର ବିକାଶ ପାଇଁ କୃଷି ନୀତି-୨୦୧୯ 'ସମୃଦ୍ଧି ' କରାଯାଇଛି। ଏଥିସହିତ ମୁଖ୍ୟମନ୍ତ୍ରୀ କୃଷି ଉଦ୍ୟୋଗ ଯୋଜନା, ବଳରାମ ଭଳି କେତେକ ଯୋଜନା କରାଯାଇଛି। କେବଳ ସେତିକି ନୁହେଁ, ରାଜ୍ୟ ସରକାର ଚାଷୀମାନଙ୍କୁ ସହାୟତା ଦେବାକୁ କୃଷି ଋଣ ପରିମାଣକୁ ୨୦ ହଜାର କୋଟି ଟଙ୍କା ପର୍ଯ୍ୟନ୍ତ ବୃଦ୍ଧି କଲେଣି। ଏ ସବୁ ସତ୍ତ୍ୱେ ଚାଷୀଙ୍କ ଆୟ ଓ ସମ୍ପତ୍ତି ଆଶାନୁରୂପ ବୃଦ୍ଧି ହେଉନାହିଁ। ଓଡ଼ିଶାର ଚାଷୀଙ୍କ ଦୁରାବସ୍ଥା ସମ୍ପର୍କରେ ନବ ନିର୍ମାଣ କୃଷକ ସଂଗଠନର ଆବାହକ ଅକ୍ଷୟ କୁମାର କହିଛନ୍ତି, ସରକାର ଯେତିକି ଯୋଜନା କରୁଛନ୍ତି ତାହା ଏକ ରିଲିଫ୍ ଉଦ୍ଦେଶ୍ୟରେ ହେଉଛି। ଚାଷୀଙ୍କୁ କିଛି ଦେଇ ସନ୍ତୁଷ୍ଟ କରିଦେବାରେ ସରକାର ସୀମିତ ରହୁଛନ୍ତି। ଚାଷୀ କେମିତି ନିଜ ଗୋଡ଼ରେ ଛିଡା ହେବ ସେ ନେଇ କୌଣସି ଯୋଜନା ହେଉ ନାହିଁ। ଯେଉଁ ଭିତ୍ତିଭୂମି ଚାଷୀକୁ ସ୍ୱାବଲମ୍ବୀ କରିବ ତାହା ତାଙ୍କୁ ଦିଆଯାଉ ନାହିଁ। ଜଳସେଚନ, ବିଦ୍ୟୁତ, ଅନ୍ୟାନ୍ୟ ଭିତ୍ତିଭୂମି ସୁବିଧା ମିଳୁ ନ ଥିବାରୁ ଚାଷୀଙ୍କର ମୁଣ୍ଡ ପିଛା ଆୟ ବଢୁ ନାହିଁ। ଯୁବ ଚାଷୀ କୃଷିକ୍ଷେତ୍ରରୁ ଦୂରେଇ ଯାଉଛନ୍ତି। ଏନେଇ ଭାଜପା ରାଜ୍ୟ କୃଷକ ମୋର୍ଚ୍ଚା ସଭାପତି ପ୍ରଦୀପ ପୁରୋହିତ କହିଛନ୍ତି, ଓଡ଼ିଶାର ଚାଷୀ ଦେଶରେ ସବୁଠାରୁ ଗରିବ। ୬୧ ପ୍ରତିଶତ ଚାଷୀ ଋଣ ଗ୍ରସ୍ତ। ମେଘାଳୟଠାରୁ ମଧ୍ୟ ଆମ ରାଜ୍ୟ ଚାଷୀ ଗରିବ। ଗତ ୨୦ ବର୍ଷ ମଧ୍ୟରେ ରାଜ୍ୟରେ ଜଳସେଚନ ସୁବିଧା ହୋଇପାରିଲା ନାହିଁ। ଚାଷୀ ବର୍ଷାକୁ ଚାହିଁ ମରୁଡ଼ିର ସମ୍ମୁଖୀନ ହେଉଛି । ଯଦି ସରକାର ଠିକ୍ ଢଙ୍ଗରେ ଯୋଜନା କରିଥାନ୍ତେ ତେବେ ଓଡ଼ିଶା ଦେଶରେ ୧ ନମ୍ବର ରାଜ୍ୟ ହୋଇ ପାରିଥାଆନ୍ତା। ଚାଷୀ ଉତ୍ପାଦିତ ଦ୍ରବ୍ୟର ମୂଲ୍ୟ ପାଉନି। ଶୀତଳଭଣ୍ଡାର ନ ଥିବାରୁ ଚାଷୀ ରାସ୍ତାରେ ପନିପରିବା ଧାନ ଫିଙ୍ଗିଦେଉଛି। ସର୍ବନିମ୍ନ ସହାୟକ ମୂଲ୍ୟ (ଏମ୍‌ଏସ୍‌ପି) ପାଇଲେ କୃଷକଙ୍କ ଆୟ ବଢ଼ିପାରନ୍ତା। ଏସବୁକୁ ଦେଖିଲେ ଚାଷୀର ମୁଣ୍ଡପିଛା ଆୟ ବଢ଼ିବ କେମିତି ବୋଲି ସେ କହିଛନ୍ତି।

ସେହିପରି କଂଗ୍ରେସ ବିଧାୟକ ଦଳ ନେତା ନରସିଂହ ମିଶ୍ରଙ୍କ ମତରେ ଚାଷୀ ଧାନ କୁଇଣ୍ଟାଲ ପିଛା ୨୩୪୪ ଟଙ୍କା ଖର୍ଚ୍ଚ କରୁଥିବାବେଳେ ମାତ୍ର ୧୯୦୦ ଟଙ୍କା ପାଉଛି। ଅର୍ଥାତ ଚାଷୀ କ୍ଷତି ସହିବାକୁ ବାଧ୍ୟ ହେଉଛି। ରାଜ୍ୟରେ ଆଖୁଚାଷ ବନ୍ଦ। ପନିପରିବା ଚାଷୀ ବିକ୍ରି ନ କରି ପାରି ରାସ୍ତାରେ ଫିଙ୍ଗି ଦେଉଛନ୍ତି। ରାଜ୍ୟ ସରକାର ଯେତେ ଯୋଜନା କଲେ ବି ତାହା ପ୍ରଚାରସର୍ବସ୍ୱ ହୋଇଯାଉଛି। ଚାଷୀ ବିରୋଧୀ ସରକାର। କେନ୍ଦ୍ର ସରକାର ଚାଷୀ ବିରୋଧୀ ଆଇନ ଆଣିଥିବାବେଳେ ସେହି ଢଙ୍ଗରେ ରାଜ୍ୟ ସରକାର ମଧ୍ୟ ଏକ ବିଲ୍ ଆଣିଛନ୍ତି। ଚାଷୀ ଚାଷ ଛାଡ଼ିବାକୁ ଆରମ୍ଭ କଲେଣି। ଅନ୍ୟପକ୍ଷେ କୃଷି ଓ କୃଷକ ସଶକ୍ତୀକରଣ ମନ୍ତ୍ରୀ ଅରୁଣ ସାହୁ କହିଛନ୍ତି, ଚାଷ ଓ ଚାଷୀଙ୍କର ବିକାଶ ପାଇଁ ରାଜ୍ୟ ସରକାର ପ୍ରତିଶ୍ରୁତିବଦ୍ଧ। ଚାଷୀମାନଙ୍କ ରୋଜଗାର ଓ ଦକ୍ଷତା ବୃଦ୍ଧି ସହ ବୈଷୟିକ ଜ୍ଞାନକୌଶଳର ବ୍ୟବହାର, ଅର୍ଥନୈତିକ ଅଭିବୃଦ୍ଧି, ପରିବେଶ ଅନୁକୂଳ ପାଇଁ କୃଷି ନୀତି 'ସମୃଦ୍ଧି' କାର୍ଯ୍ୟକାରୀ କରାଯାଉଛି। ସରକାର ସେମାନଙ୍କ ଆୟ ବୃଦ୍ଧି ସକାଶେ ଅଣଧାନ ଫସଲ ଉପରେ ଗୁରୁତ୍ୱ ଦେଉଛନ୍ତି। ଚାଷୀଙ୍କୁ ଆର୍ଥିକ ସହାୟତା ସହ ଧାନ ବିହନ, ସାର, କୀଟ ନାଶକ ଔଷଧ ଇତ୍ୟାଦିରେ ରିହାତି ପ୍ରଦାନ କରାଯାଉଛି। ଚାଷୀମାନଙ୍କର ଦକ୍ଷତା ବୃଦ୍ଧି ପାଇଁ ବୈଷୟିକ ତାଲିମ ଦିଆଯାଉଛି।

କେନ୍ଦ୍ରାପଡା ଜିଲାର ଚାଷୀ ବନମାଳି ପରିଡ଼ା କହିଛନ୍ତି ଯେ ଚାଷ କାର୍ଯ୍ୟରେ ଖର୍ଚ୍ଚ ବଢ଼ି ଚାଲିଛି। ମଜୁରି, ସାର, ବିହନ ଇତ୍ୟାଦି ଦର ମଧ୍ୟ ବଢ଼ିଛି। ଧାର କରଜ କରି ଫସଲ କଲେ ମଧ୍ୟ ତାହା ମରୁଡ଼ି, ବନ୍ୟା, ବାତ୍ୟାରେ ଉଜୁଡ଼ିଯାଉଛି। ଯାହାକିଛି ହେଉଛି ସେସବୁ ବିକ୍ରି ହେଉ ନ ଥିବାରୁ ଆମକୁ ଅନେକ କ୍ଷତି ସହିବାକୁ ପଡୁଛି। ଶୀଳଭଣ୍ଡାର ନ ଥିବାରୁ ଅମଳ ହେଉଥିବା ଶସ୍ୟକୁ ସାଇତି ରଖାଯାଇ ପାରୁନାହିଁ। ବାଧହୋଇ ଅଦର ଦରରେ ବିକ୍ରି କରିବାକୁ ପଡୁଛି। ସରକାର ହାତ ଟେକା ସାହାଯ୍ୟ ନ ଦେଇ ଶୀତଳ ଭଣ୍ଡାର, ବଜାର ସୃଷ୍ଟି କରି ପାରିଲେ ଅବସ୍ଥା ସୁଧୁରି ଯାଆନ୍ତା ବୋଲି ମତ ଦେଇଛନ୍ତି।

## ତଥ୍ୟ ବଦଳରେ...

ଟଙ୍କା ଆସିଛି। ଏହାଛଡ଼ା ଆଉ କେଉଁ ମାଧ୍ୟମ ଦେଇ ଅଭିଯୁକ୍ତଙ୍କ ଆକାଉଣ୍ଟକୁ ଟଙ୍କା ଆସିଛି ତାହାର ଖୋଳତାଡ଼ କ୍ରାଇମବ୍ରାଞ୍ଚ କରୁଛି। ସେହିପରି ଗୁପ୍ତଚରୀ ବ୍ୟବହାର କରୁଥିବା ୟୁକେର ମୋବାଇଲ ନମ୍ବର ଜରିଆରେ ସମ୍ପୃକ୍ତ ଯୁବତୀଙ୍କୁ ଠାବ କରିବା ଲାଗି କ୍ରାଇମବ୍ରାଞ୍ଚ ପ୍ରଚେଷ୍ଟା ଜାରି ରଖିଛି। ଏଥିଲାଗି କେନ୍ଦ୍ରୀୟ ତଦନ୍ତକାରୀ ସଂସ୍ଥା ଜରିଆରେ ୟୁକେ ଅଥରିଟିଙ୍କ ସହ ଯୋଗାଯୋଗ କରାଯାଉଛି। ଅନ୍ୟପଟେ ବାୟୁସେନାର ୩ଜଣିଆ ଟିମ୍ କ୍ରାଇମବ୍ରାଞ୍ଚ ମୁଖ୍ୟାଳୟରେ ୫ ଅଭିଯୁକ୍ତଙ୍କୁ ମାରାଥନ ଜେରା ମଧ୍ୟ କରିଛି। ଏନେଇ କ୍ରାଇମବ୍ରାଞ୍ଚ ଏଡିଜି ସଞ୍ଜୀବ ପଣ୍ଡା କହିଛନ୍ତି ଯେ, ୨୦୨୦ ଏପ୍ରିଲ ମାସରୁ ଯୁବତୀଜଣକ ସମସ୍ତ ଅଭିଯୁକ୍ତଙ୍କ ସହ ଯୋଗାଯୋଗରେ ରହିଥିଲେ। ଏଥିସହ ଅଭିଯୁକ୍ତଙ୍କୁ ବିବାହ ପ୍ରସ୍ତାବ ଦେଇଥିଲେ।

## ୫ ଲକ୍ଷ ଟଙ୍କା ...

ମୋରାଟୋରିୟମ ପରିସରଭୁକ୍ତ କରାଇଥାଏ। ଆର୍‌ବିଆଇ ବିନା ଅନୁମତିରେ ଏହି ବ୍ୟାଙ୍କଗୁଡିକ ସେମାନଙ୍କ ଆସେଟ ଏବଂ ଲାଏବିଲିଟିକୁ ନେଇ କୌଣସି କାର୍ଯ୍ୟପନ୍ଥା ଗ୍ରହଣ କରିପାରିବେ ନାହିଁ। ବ୍ୟାଙ୍କର ସ୍ଥିତି ସଙ୍କଟକୁ ଚାଲିଯିବାରୁ ଜମାକାରୀ ସେମାନଙ୍କ ଅର୍ଥ ଫେରିପାଇବାରେ ସମସ୍ୟା ଉପୁଜିଥାଏ। ପିଏମ୍‌ସି ବ୍ୟାଙ୍କର ରିଜୋଲ୍ୟୁଶନ ଲାଗି ସେଣ୍ଟ୍ରମ ଏବଂ ଭାରତ ପେ ଆଗ୍ରହ ଦେଖାଇଛନ୍ତି। ଜମାକାରୀଙ୍କୁ ଜମା ଫେରାଇବା ଦିଗରେ ସରକାର ବିଭିନ୍ନ ପଦକ୍ଷେପ ଗ୍ରହଣ କରିଛନ୍ତି। ଅଗଷ୍ଟ ୨୭ରେ ଡିଆଇସିଜିସି ସଂଶୋଧନ ଆଇନ ସମ୍ପର୍କରେ ସରକାର ବିଜ୍ଞପ୍ତି ଜାରି କରିଥିଲେ। ସେପ୍ଟେମ୍ବର ପହିଲାରୁ ଏହାକୁ ଲାଗୁ କରିବାର ନିୟମ ରହିଥିଲା। ଜମାକାରୀ ସେମାନଙ୍କ ବୀମା ଅର୍ଥ ଫେରିପାଇବା ଲାଗି ଆଗ୍ରହପତ୍ର ପ୍ରଦାନ କରିବେ। ଅକ୍ଟୋବର ୧୫ ସୁଦ୍ଧା ବୀମା ଦାବି ସଂକ୍ରାନ୍ତ ତାଲିକା ବ୍ୟାଙ୍କ ପ୍ରଦାନ କରିବ। ଚୂଡ଼ାନ୍ତ ତାଲିକା ନଭେମ୍ବର ୨୯ ସୁଦ୍ଧା ଦେବାକୁ କୁହାଯାଇଛି। ବୀମା କ୍ଲେମ୍ କରିବା ଲାଗି ଯେଉଁ ଜମାକାରୀ ଆଗ୍ରହ ପ୍ରକାଶ କରିବେ ସେମାନଙ୍କୁ ଏହି ଅର୍ଥ ପ୍ରଦାନ କରାଯିବ। ଏଭଳି ପଦକ୍ଷେପ ଦ୍ୱାରା ମହାରାଷ୍ଟ୍ରର ଜମାକାରୀ ବିଶେଷ ଭାବେ ଲାଭବାନ୍ ହୋଇପାରିବେ। ସେଠାରେ ୧୧ ସମବାୟ ବ୍ୟାଙ୍କ ବିଫଳ ହୋଇଥିବାରୁ ଅନେକ ଲୋକଙ୍କ ଅର୍ଥ ଫସି ରହିଛି। ସେହିଭଳି କର୍ନାଟକର ୫, ଅନ୍ୟ ୫ ସମବାୟ ବ୍ୟାଙ୍କ କେରଳ, ପଞ୍ଜାବ, ଉତ୍ତର ପ୍ରଦେଶ, ରାଜସ୍ଥାନ ଏବଂ ମଧ୍ୟପ୍ରଦେଶରୁ ବୋଲି ଜଣାପଡ଼ିଛି।

## କୋଭିଡ୍ ମୃତକଙ୍କ ...

ମୁଖ୍ୟ ମେଡିକାଲ ସ୍ୱାସ୍ଥ୍ୟାଧିକାରୀ, ଅତିରିକ୍ତ ସ୍ୱାସ୍ଥ୍ୟାଧିକାରୀ କିମ୍ବା ମେଡିକାଲ କଲେଜର ମେଡିସିନ୍ ବିଭାଗ ମୁଖ୍ୟ ବା ପ୍ରିନ୍ସପାଲ ଏବଂ ଜଣେ ସବ୍‌ଜେକ୍ଟ ଏକ୍ସପର୍ଟ ସଦସ୍ୟ ରହିବେ। କମିଟି ସମସ୍ତ ତଥ୍ୟ ଯାଞ୍ଚ କରିବା ପରେ ସଂଶୋଧିତ କାଗଜପତ୍ର ଇସୁ୍ୟ କରିବା ଓ ଅନ୍ୟାନ୍ୟ ଆବଶ୍ୟକ ପଦକ୍ଷେପ ନେବା ଲାଗି ପ୍ରସ୍ତାବ ଦେବେ। ଯଦି କମିଟିର ନିଷ୍ପତ୍ତି ଆବେଦନକାରୀଙ୍କ ସପକ୍ଷରେ ନ ଯାଏ, ଏହାର ସ୍ପଷ୍ଟ କାରଣ ରେକର୍ଡ କରାଯିବ ବୋଲି ସତ୍ୟପାଠରେ ଉଲ୍ଲେଖ କରାଯାଇଛି।

ମୃତକଙ୍କ ପରିବାରକୁ ୫୦ ହଜାର ଟଙ୍କା ଅନୁକମ୍ପାମୂଳକ ସହାୟତା ଯୋଗାଇ ଦେବା ପାଇଁ ଜାତୀୟ ବିପର୍ଯ୍ୟୟ ପରିଚାଳନା କର୍ତ୍ତୃପକ୍ଷ (ଏନ୍‌ଡିଏମ୍‌ଏ) ସୁପାରିସ୍ କରିଥିଲେ। କୋଭିଡ୍-୧୯ ରିଲିଫ୍ କାର୍ଯ୍ୟ ଓ ପ୍ରସ୍ତୁତିରେ ସମ୍ପୃକ୍ତ ଥାଇ ପ୍ରାଣ ହରାଇଥିବା ବ୍ୟକ୍ତିଙ୍କ ପରିବାରକୁ ମଧ୍ୟ ଏହି ସହାୟତା ମିଳିବ। ସର୍ବୋଚ୍ଚ ଅଦାଲତଙ୍କ ଜୁନ୍ ୩୦ ନିର୍ଦ୍ଦେଶକ୍ରମେ ଏନ୍‌ଡିଏମ୍‌ଏ ପକ୍ଷରୁ ସେପ୍ଟେମ୍ବର ୧୧ରେ ଏନେଇ ଗାଇଡ୍‌ଲାଇନ ଜାରି କରାଯାଇଥିଲା। କୋଭିଡ୍‌ରେ ପ୍ରାଣ ହରାଇଥିବା ବ୍ୟକ୍ତିଙ୍କ ପରିବାରକୁ ଆର୍ଥିକ କ୍ଷତିପୂରଣ ମିଳିବା ଉଚିତ। ୬ ସପ୍ତାହ ମଧ୍ୟରେ ସହାୟତା ରାଶି ପରିମାଣ ଉପରେ ନିଷ୍ପତ୍ତି ନେବା ସହ ଆବଶ୍ୟକ ଗାଇଡ୍‌ଲାଇନ ପ୍ରସ୍ତୁତ କରିବା ଲାଗି ସର୍ବୋଚ୍ଚ ଅଦାଲତ ଜୁନ୍ ୩୦ରେ ଏନ୍‌ଡିଏମ୍‌ଏକୁ ନିର୍ଦ୍ଦେଶ ଦେଇଥିଲେ।

## ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com

**ମେଷ** ପରିବାରରେ ସମସ୍ୟା ସମାଧାନ ପାଇଁ ଅନୁକୂଳ ବାତାବରଣ ସୃଷ୍ଟି ହୋଇଯିବ। ସାମାଜିକ ସ୍ତରରେ ବନ୍ଧୁମାନଙ୍କ ଶୁଭେଚ୍ଛା ବାର୍ତ୍ତା ପାଇ ବହୁତ ଆନନ୍ଦ ଅନୁଭବ କରିବେ। ସହକର୍ମୀମାନଙ୍କ ସହଯୋଗରେ ଅଟକି ରହିଯାଇଥିବା ଅଫିସ କାର୍ଯ୍ୟଗୁଡ଼ିକ ତ୍ୱରାନ୍ୱିତ ହେବ। ଘରର ବରାଦି ମୁତାବକ ଗୃହକୁ ସୌଖୀନ ପଦାର୍ଥ ଆଣିପାରନ୍ତି।

**ବୃଷ** ପଡ଼ୋଶୀଙ୍କ ଘରୋଇ କଥାରେ ମୁଣ୍ଡ ପୂରାଇଲେ ସମାଲୋଚିତ ହେବେ। ଜମିଜମା କାରବାର, ଘର ତିଆରି, ଯାନ ବାହନ ମରାମତି, ଦୋକାନର ଉନ୍ନତୀକରଣ ପାଇଁ ଯୋଜନା କରିପାରନ୍ତି। ଆନୁଷ୍ଠାନିକ କାମରେ ଟେନସନ୍ କିଛିମାତ୍ରାରେ ଲାଗିରହିବ। ବିଗତ ଦିନରେ ଘଟି ଯାଇଥିବା ଘଟଣାର ମୋଡ ବଦଳି ଯାଇପାରେ।

**ମିଥୁନ** ବନ୍ଧୁଙ୍କ ଦ୍ୱାରା ଅନୁପ୍ରେରିତ ହୋଇ କୌଣସି ଆନୁଷ୍ଠାନିକ କାମରେ ନିୟୋଜିତ ହୋଇପାରନ୍ତି। ଘର କିମ୍ବା ଜମିଜମା, ପୁରୁଣା ଗାଡ଼ି କିଣା ବିକାରେ ମନ ବଳାଇବେ। ଗୃହସୀମାକୁ କେନ୍ଦ୍ରକରି ଭାଇ କିମ୍ବା ପଡ଼ୋଶୀଙ୍କ ସହ ସମସ୍ୟା ସୃଷ୍ଟି ହୋଇପାରେ। ସଭାସମିତିରେ ବନ୍ଧୁମାନଙ୍କ ମଧ୍ୟରେ ଆଲୋଚନା ଅସମାପ୍ତ ରହିପାରେ।

**କର୍କଟ** ଆପଣଙ୍କ କାର୍ଯ୍ୟକଳାପରେ ସାମୟିକ ଅସନ୍ତୁଷ୍ଟ ହୋଇ ବନ୍ଧୁମାନେ ସମାଲୋଚନା କରିପାରନ୍ତି। ଆଜି ଟଙ୍କା ପଇସା, ନେବା ଆଣିବା, ଦିଆ ନିଆ କ୍ଷେତ୍ରରେ ସତର୍କ ରହିବା ଭଲ। କାର୍ଯ୍ୟବ୍ୟସ୍ତ ଯୋଗୁ ଖାଦ୍ୟପେୟ ଠିକ୍ ରହି ନ ପାରେ ଏବଂ ଘର କାମକୁ ମଧ୍ୟ ଅବହେଳା କରିବେ। କଚେରି ମାମଲା ମନ୍ଥର ହେବା କାରଣରୁ ଉଦ୍‌ବେଗ ବୃଦ୍ଧିପାଇବ।

**ସିଂହ** ଅବହେଳା ଯୋଗୁ ସବୁ କାମ ବିଗିଡି ଯାଇପାରେ। ପୁତ୍ରକନ୍ୟାଙ୍କ ହେତୁକ ସମସ୍ୟା ଲାଗି ରହିବ, ଯାହାକି ଦୁଶ୍ଚିନ୍ତା ସୃଷ୍ଟି କରିପାରେ। ପାରିପାର୍ଶ୍ୱିକ ପରିସ୍ଥିତି କେତେକାଂଶରେ ଭଲ ରହିବାରୁ ସାମୟିକ ଖୁସି ରହିବେ। ବାଣିଜ୍ୟ ଓ ବ୍ୟବସାୟରୁ ଭଲ ଲାଭ ପାଇବେ କିନ୍ତୁ ପ୍ରତିଦ୍ୱନ୍ଦ୍ୱିତା ଲାଗି ରହିବ।

**କନ୍ୟା** ବିଭିନ୍ନ ପ୍ରତିବନ୍ଧକ ମଧ୍ୟରେ କାମ ସମ୍ପନ୍ନ ହେବା କଷ୍ଟକର ହେବ। ଶତ୍ରୁତା କରୁଥିବା ଲୋକମାନେ ହଠାତ୍ ପରିସ୍ଥିତିବଶତଃ ମିତ୍ରତା ସାଜିବା ପାଇଁ ଚେଷ୍ଟିତ ହେବେ। ଦୀର୍ଘଦିନରୁ ଅଟକି ରହିଥିବା ନିର୍ମାଣାଧୀନ କାମଟିକୁ ହଠାତ୍ ଆରମ୍ଭ କରିବାକୁ ମନ ବଳାଇବେ। ପ୍ରକାଶନ, ପ୍ରଶାସନ, ସାମ୍ବାଦିକତା ଓ ପରିବହନ କ୍ଷେତ୍ରରେ ଶୁଭଫଳ ପାଇବେ।

**ତୁଳା** କର୍ମକ୍ଷେତ୍ରରେ ଆନୁଷଙ୍ଗିକ ସାହାଯ୍ୟ ସହଯୋଗ ପାଇବାରେ କୌଣସି ଅସୁବିଧା ହେବ ନାହିଁ। ଦୀର୍ଘ ଦିନରୁ ଅଟକି ରହିଥିବା ନିର୍ମାଣ ତଥା ବ୍ୟବସାୟ ଭିତ୍ତିକ କାମଗୁଡ଼ିକ ସୁରୁଖୁରୁରେ ହୋଇ ଯିବ। ଗବେଷଣା, ଅନୁସନ୍ଧାନ, କୃଷି, ବାଣିଜ୍ୟ ଓ ରାଜନୀତିରେ ଚେଷ୍ଟା ସଫଳ ହେବ।

**ବିଛା** ସମସ୍ୟା ସମାଧାନ ସକାଶେ ମନଭୁଲାଣିଆ କଥାରେ ବନ୍ଧୁଙ୍କୁ ଆପଣାର କରିବେ। ସାଧାରଣ କଥାକୁ ନ ବୁଝି ମଧ୍ୟ ଘଟଣାକୁ ଅତିରଞ୍ଜିତ କରି ପଡ଼ୋଶୀ କ୍ରୋଧ ପ୍ରକାଶ କରିପାରନ୍ତି। ବାଣିଜ୍ୟ,ବ୍ୟବସାୟ ଓ ପରିବହନ ପାଇଁ ବିଶେଷ ଅସୁବିଧା ହେବ ନାହିଁ। ଆଲୋଚନା ପରିସରରେ ସାମୟିକ ଯୁକ୍ତିତର୍କର ସମ୍ଭାବନା ରହିଛି।

**ଧନୁ** ନିଜ ଲୋକମାନଙ୍କ ପରୋକ୍ଷ ଶତ୍ରୁତା ହେତୁ ଭାବପ୍ରବଣତା ବୃଦ୍ଧି ପାଇବ। ଅଫିସରେ କାର୍ଯ୍ୟବ୍ୟସ୍ତତା ହେତୁ ଚିନ୍ତାଧାରା ବିକ୍ଷିପ୍ତ ହୋଇପାରେ। ସରକାରୀ ସ୍ତରରୁ ଆଶା କରୁଥିବା ଶୁଭଖବର ପାଇ ଉଲ୍ଲସିତ ହେବେ। ସାମାଜିକ ସ୍ତରରେ ସମ୍ମାନନୀୟ ବ୍ୟକ୍ତିବିଶେଷ ସହାୟତା କରିବେ।

**ମକର** ପାରିବାରିକ ସମସ୍ୟାକୁ ନେଇ ବନ୍ଧୁଙ୍କ ସହ ଆଲୋଚନା କରିପାରନ୍ତି। ଜମି କ୍ରୟବିକ୍ରୟ, ବାଣିଜ୍ୟ ଆରମ୍ଭ ପାଇଁ ମନ ବଳାଇବେ। କର୍ମକ୍ଷେତ୍ରରେ ଲୋଭନୀୟ ପ୍ରତିଶ୍ରୁତି ଦେଇ ବନ୍ଧୁଙ୍କ ସହ ନୂତନ ସମ୍ପର୍କରୁ ଖୁସି ରହିବେ। ଗୁରୁଜନଙ୍କ ପରାମର୍ଶକ୍ରମେ ଆପୋସ ମିଳାମିଶାରୁ ପାରିବାରିକ ସମସ୍ୟାର ସମାଧାନ ଘଟିବ।

**କୁମ୍ଭ** ଆଜି ଦିନ ମଧ୍ୟରେ ଯେଉଁଠି ଯାହା କହିବେ କିମ୍ବା କରିବେ ତାହା ଠିକ୍ ଭାବେ କାର୍ଯ୍ୟକାରୀ ହେବ। କେତେକ ଆକସ୍ମିକ ସମସ୍ୟାକୁ ନେଇ ନିର୍ମାଣାଧୀନ କାର୍ଯ୍ୟ ସ୍ଥଗିତ ରହିପାରେ। ନୂଆ ଯୋଜନା କରିବା ସକାଶେ ବନ୍ଧୁଙ୍କ ପରାମର୍ଶ ଆବଶ୍ୟକ ମନେ କରିବେ। ନୀଚ ସଂସର୍ଗରୁ ଦୂରେଇ ରହନ୍ତୁ, ନଚେତ୍ ସମାଲୋଚିତ ହେବାକୁ ପଡ଼ିପାରେ।

**ମୀନ** ପରିବାରର ଖର୍ଚ୍ଚ ଭାର ବଢ଼ି ବଢ଼ି ଯିବା କାରଣରୁ ମନରେ ସରସତା ରହିବ ନାହିଁ। କର୍ମକ୍ଷେତ୍ରରେ, ସଭାସମିତିରେ, ରାଜନୈତିକ କ୍ଷେତ୍ରରେ ସମସ୍ୟାର ସରଳ ସମାଧାନ କରିପାରିବେ। କୌଣସି ନୀଚ ଜାତିର ବ୍ୟକ୍ତିବିଶେଷଙ୍କ ସହାୟତାରୁ ଉପକୃତ ହେବେ। ଆନୁଷ୍ଠାନିକ କାମରୁ କିମ୍ବା ସଭାସମିତିରେ ସଫଳତା ଯୋଗୁ ଖୁସି ହେବେ।

## ପରିବାରର ୩ଜଣଙ୍କ...

ଅନ୍ୟପକ୍ଷେ ମୃତ ମହିଳାଙ୍କ ସ୍ୱାମୀ ନାରାୟଣ ମଙ୍ଗଳବାର ରାତିରୁ ଘରୁ ଫେରାର ହୋଇଯାଇଛନ୍ତି। ତାଙ୍କୁ ଧରିବା ପାଇଁ ପୋଲିସ ବିଭିନ୍ନ ସ୍ଥାନରେ ଚଢ଼ାଉ ଚଳାଇଛି। ହତ୍ୟାକାଣ୍ଡର କାରଣ ଅସ୍ପଷ୍ଟ ରହିଛି। ଏ ନେଇ ଏସ୍‌ପି ଦାସ କହିଛନ୍ତି, ଘଟଣାର ବିଭିନ୍ନ ଦିଗକୁ ନେଇ ତଦନ୍ତ ଜାରି ରହିଛି। ସ୍ୱାମୀ ନାରାୟଣ ବିହାର ରାଜ୍ୟର ହୋଇଥିବାବେଳେ ସ୍ତ୍ରୀ ସୋନି ଛତିଶଗଡ଼ ଅଞ୍ଚଳର। ପରିବାର ସହ ନାରାୟଣ ଫାଟକପଡାରେ ଭଡାଘରେ ରହୁଥିବାବେଳେ ଦିନମଜୁରିଆ ଭାବେ କାମକରି ପରିବାର ପ୍ରତିପୋଷଣ କରୁଥିଲେ। ସବୁଦିନ ଭଳି ବୁଧବାର ସକାଳେ କ୍ଷୀରବାଲା ନାରାୟଣଙ୍କ ଘରକୁ କ୍ଷୀର ଦେବା ପାଇଁ ଆସିଥିଲେ। ହେଲେ କବାଟ ବନ୍ଦ ଥିବାରୁ ସେ ଡାକିଥିଲେ ମଧ୍ୟ କେହି ଖୋଲି ନ ଥିଲେ। ପରେ ସେ କବାଟ ଖୋଲିବାରୁ ଘର ଭିତରେ ମହିଳାଙ୍କ ସମେତ ୨ଶିଶୁଙ୍କ ମୃତଦେହ ପଡିଥିବା ଦେଖିପୋଲିସକୁ ଜଣାଇଥିଲେ।


# classifieds Everyday
0674-2580101, 2549302

### real estate

**SALE**

ଭୁବନେଶ୍ୱର ଚନ୍ଦକାରେ **Nalanda ଓ BCCST College ପାଖରେ road, electricity, water ସୁବିଧା ଥାଇ ବାସୋପଯୋଗୀ ପ୍ଲଟ୍ possession ଥାଇ ମିଳୁଛି। 9348870771, 9090543542.** D-70889

ଭୁବନେଶ୍ୱର ଜଟଣୀ ଗେଟ୍‌ରୁ ଅଳ୍ପ ଦୂରତାରେ 1200 sqft. 2,80,000/-, ନଖରା ତ୍ରିନାଥବଜାର sqft.- 150/- (Outright). 9348232008. D-21590

**Half Acre Land for Sale at Balikhand Market Main Road to 0.5 Km, Ranitel to 7 Km Bhadrak to 13Km. Interested Person can contact: 9397357013.** D-21690

**ଭୁବନେଶ୍ୱର, ଭରତପୁର ଆଦର୍ଶ ବିଦ୍ୟାଳୟକୁ ଲାଗି ବାସୋପଯୋଗୀ ପ୍ଲଟ୍ 14,40,000/-ରେ ମିଳୁଛି। 9437033320.** D-71705

**ଭୁବନେଶ୍ୱର, ପଟିଆ, ରଘୁନାଥପୁର, ନଖରା ପାଖରେ 1,2,3BHK, Simplex, Duplex ଅଛି। 8327785834, 9658122456.** D-71701

**PURCHASE**

Simplex/ Duplex/ Apartment ପାଇଁ Bhubaneswarରେ ଏକ reputed Real Estate company ପାଇଁ Simplex/ Duplex/ Apartment କରିବା ପାଇଁ ଜମି ଦରକାର। (Joint Venture/ Sharing Basis) ଜମି BDA, BMC, BDO, CDA underରେ ଆସୁଥିବା ଦରକାର। ଇଚ୍ଛୁକ ଜମି ମାଲିକ / broker ସମ୍ପର୍କ କରନ୍ତୁ। Contact: 9937889778. D-71165

Required Flats independent houses GA plots from direct owner's, Bhubaneswar. 6371090682. D-68283

### construction

**Construct your dream home with branded materials, plan approval, elevation, bank loan with Bastu complaints. Contact- Bhulaxmi Group. 7609931239, 7978230118.** D-70888

### to-let

**2x2000sqft. Hall near Airport on 100ft. wide Bhimatangi Main road for Office or commercial. 9958003695.** D-71415

### healthcare

Ashirvaad Salon and SPA get good massage for your health tha best therapy. 7077181074. D-70487

**Refreshing your mind, your body with tha best therapy at Lotus Spa. 8018891951.** D-70484

Swarna SPA newly open positively health benefits with expert therapist. 9556978408. D-71162

Newly open full body massage ladies and gents. 8327740003. D-70486

Newly open SPA offer @799/-, positively health benefits, Jaydevbihar. 7846814019. D-71419

Newly open SPA centre with therapist full body massage. 8455987557. D-71418

Newly Open Saikrupa Panchakarma Spa positively health benefits with Expert. 8984068077. D-21717

**LOST**

ମୋର ବିକ୍ରୟ କବଲା ରେ:ନଂ.- ୧୧୧୩୧୦୦୫୦୩୪, ଗତ ୧୪।୦୯।୨୦୨୧ ଦିନ R.I. Office ଗାଡ଼କଣାରୁ ନୀଳାଦ୍ରିବିହାର ରାସ୍ତାରେ ହଜି ଯାଇଅଛି। ଉକ୍ତ ଦଲିଲ S.R. Khandagiri Bhubaneswarଙ୍କ ପାଖରେ ସମ୍ପାଦିତ ହୋଇଥିଲା। (ଖାତା- ୬୧୯, ପ୍ଲଟ୍ ନଂ.- ୨୯୩, ମୌ- ଚନ୍ଦ୍ରଶେଖରପୁର-୪୧)। ଅନୁରୋଧ ଯଦି କୌଣସି ସହୃଦୟ ବ୍ୟକ୍ତି ପାଇଛନ୍ତି ବା ପାଆନ୍ତି ତେବେ ଯୋଗାଯୋଗ କରିବାକୁ ନିବେଦନ।
ସୁବାସିନୀ ରାଉତ
ନୀଳାଦ୍ରିବିହାର
ମୋ- ୭୮୯୪୩୭୯୪୨୬
ଧ-୨୧୭୦୮

Repokit No.- 0557246 has been used lost in Pattamundai to Bhubaneswar on dated 21.09.21. HDFC Bank is not held responsible for any claim the above and Repokit. If anybody gets the above Repokit please contact to M/S. Jyotirmay Sasmal, Mobile: 9861200001. D-70242

ନିଜର ପ୍ରିୟଜନମାନଙ୍କୁ ଜନ୍ମଦିନର ଓ ବିବାହ ଶୁଭେଚ୍ଛା ଜଣାନ୍ତୁ କେବଳ ଟ୨୧୦/-ରେ। ରଙ୍ଗୀନ ଟ୪୨୦/-ରେ। (ଫଟୋ ସହ) ବି.ଦ୍ର.: ଶୁଭେଚ୍ଛା ୬ସେମି. (H) X ୪ସେମି. (W) ହେବା ଆବଶ୍ୟକ।

**AFFIDAVIT**

Before Notary Public, Bhubaneswar, I Ranjubala Pradhan at plot No.- 200 road No.-8, Unit-9, near Chitra Kuta Matha, Po- Bhoi Nagar, P.S.- Sahid Nagar changed my surname after marriage to Gopinath Swain. Henchforth I shall be known as Ranjubala Swain for all purposes. D-21711

Affidavit before Executive Magistrate, Jajpur Road, I Sushanta Kumar Sahoo S/o-Damodar Sahoo, At/Po- Nachhipura, PS.- Tamaka, Dist.-Jajpur solemnly declared that in school admission register of my son Shivam Kumar Sahoo in Kendriya Vidyalaya, Vyasanagar my name recorded as Susanta Kumar Sahoo as per previous birth certificate instead of my correct name Sushanta Kumar Sahoo as per Correction birth certificate. Henceforth Sushanta Kumar Sahoo & Susanta Kumar Sahoo is one and same person and known as Sushanta Kumar Sahoo for all purposes. D-21712

ମୁଁ ଜନାର୍ଦ୍ଦନ ନାଏକ, ପି- ଭାଗୀରଥି ନାଏକ, ଗ୍ରାମ- ଗୁମାବାହାଲ, ପୋ- କଲମପୁର, ଥାନା- ଜୟପାଟଣା, ଜିଲ୍ଲା- କଳାହାଣ୍ଡି। ମୋର ସମସ୍ତ କାଗଜାତରେ ମୁଁ ଜନାର୍ଦ୍ଦନ ନାଏକ ଭାବେ ପରିଚିତ ହେଉଛି। କିନ୍ତୁ ମୋର ମାଟ୍ରିକ ବୋର୍ଡ ସାର୍ଟିଫିକେଟରେ ତ୍ରୁଟି ଯୋଗୁ ଜନାର୍ଦ୍ଦନ ନାଏକ ପରିବର୍ତ୍ତେ ଜନାର୍ଦ୍ଦନ ହରିଜନ ହୋଇଯାଇଛି। ମୁଁ ନୋଟାରୀ ଥୁଆମୂଳରାମପୁରଙ୍କ ନିକଟରେ ସତ୍ୟପାଠ କରୁଛି ଯେ, ଜନାର୍ଦ୍ଦନ ହରିଜନ ଓ ଜନାର୍ଦ୍ଦନ ନାଏକ ଜଣେ ମାତ୍ର ବ୍ୟକ୍ତି। ମୁଁ ଏଣୁ ଏଣିକି ସର୍ବଦା ଜନାର୍ଦ୍ଦନ ନାଏକ ଭାବେ ପରିଚିତ ରହିବି। ଧ-୨୧୭୨୪

Email ମାଧ୍ୟମରେ କ୍ଲାସିଫାଏଡକୁ ବିଜ୍ଞାପନ ପଠାଇବାର ଠିକଣା:- classifieddharitri@gmail.com

By virtue of an affidavit before the Executive Magistrate, Semiliguda, I Jadumani Parida of Semillguda to state that in matriculation Certificate of my Son Rajesh Kumar Parida, my name is wrongly mentioned Chhabiraj Parida instead of Jadumani Parida. That Jadumani Parida and Chhabiraj Parida is one and same person. D-21716

**LEGAL NOTICE**

ଏତଦ୍ୱାରା ମୁଁ ସରୋଜିନୀ ମୁଣ୍ଡା, ପିତା- ଯୁରା ମୁଣ୍ଡା, ସ୍ୱାମୀ- ସୁନ୍ଦର ମୁଣ୍ଡା, ନି- ମାଳିପାଲି, ଥା- ଶଙ୍କର୍ମା, ତ./ଜି.- ସମ୍ବଲପୁର ଜଣାଇଦେଉଛୁ ଯେ ମୁଁ କରିଥିବା ରେଜିଷ୍ଟ୍ରି ଚୁକ୍ତିନାମା ନଂ.- 1621101819/2011, ତା 16.04.2011 ଯାହାକି ୨ୟ ପକ୍ଷ ବିଦ୍ୟା ମୁଣ୍ଡା, ପିତା- ଡାହାରୀ ମୁଣ୍ଡା, ନି- ମୋତିଝରନ, ଥା- ଧନୁପାଲି, ତ./ଜି.- ସମ୍ବଲପୁର ସହିତ ସମ୍ପାଦିତ ହୋଇଥିଲା ଏବଂ ଅଦ୍ୟାବଧି ଚୁକ୍ତିନାମା ମୁତାବକ ଜମି ରେଜିଷ୍ଟ୍ରି ହୋଇପାରିନାହିଁ। ମୋତେ ଟଙ୍କାର ବିଶେଷ ଆବଶ୍ୟକତା ଥିବାରୁ ମୁଁ ଆପଣଙ୍କୁ ବହୁବାର ଜଣାଇଲା ସତ୍ତ୍ୱେ ଆପଣ ରେଜିଷ୍ଟ୍ରି କରୁନାହାନ୍ତି। ଏଣୁ ଅଦ୍ୟଦିନ ଠାରୁ ୧୫ଦିନ ସମୟ ଦେଲି ଯେ ଆପଣ ଉକ୍ତ ଚୁକ୍ତି ମୁତାବକ ଜମିକୁ ରେଜିଷ୍ଟ୍ରି କରାଇନେବେ। ଯଦି ଏଥିରେ ଆପଣ ବିଫଳ ହେବେ ତା ହେଲେ ଏହି ଘୋଷଣାନାମା ବଳରେ ଜଣାଇଦେଉଛି ଯେ ମୋର ଅତ୍ୟାବଶ୍ୟକ ଖର୍ଚ୍ଚ ତୁଲାଇବା ପାଇଁ ବାଧ୍ୟ ହୋଇ ଉକ୍ତ ଜମିକୁ ଅନ୍ୟତ୍ର ବିକ୍ରୟ କରିବି ଏବଂ ପରବର୍ତ୍ତୀ ସମୟରେ ଉକ୍ତ ଚୁକ୍ତିନାମା ପାଇଁ ମୁଁ କିମ୍ବା ମୋର ଅଂଶୀଦାର ଦାଇଦାର ହେବେ ନାହିଁ। ଧ- ୨୧୭୨୨


**ପାଠକଙ୍କ ପାଇଁ ସୂଚନା**

କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

ଧରିତ୍ରୀ
DHARITRI
ଗୁରୁବାର, ୨୩ ସେପ୍ଟେମ୍ବର, ୨୦୨୧



## ଭାଗବତ ଜୟନ୍ତୀ ପାଳିତ

ଚିତ୍ରକୋଣ୍ଡା,(ଡି.ଏନ.ଏ.): ମାଲକାନଗିରି ଜିଲା ଚିତ୍ରକୋଣ୍ଡା ବ୍ଲକ ଅନ୍ତର୍ଗତ ସ୍ଥାନୀୟ ଦିବ୍ୟ ଜୀବନ ସଂଘ ଶାଖା ପକ୍ଷରୁ ଭାଗବତ ଜୟନ୍ତୀ ପାଳିତ ହୋଇଯାଇଛି । ଏଥିରେ ପୂଜାର୍ଚ୍ଚନା ସହିତ ଭାଗବତ ଜନ୍ମ ପ୍ରସଙ୍ଗ ଉପରେ ଆଲୋଚନା ହୋଇଥିଲା। ୫୦ରୁ ଉର୍ଦ୍ଧ୍ୱ ଭାଗବତ ପ୍ରେମୀ ହରି ହାଟ କରି ଭାଗବତ ପ୍ରସଙ୍ଗକୁ ଗାନ କରିଥିଲେ । ଗୀତା ପାଠ, ସତ୍‌ସଙ୍ଗ, ଭଜନ କୀର୍ତ୍ତନ ସହ ଆଳତି କରାଯାଇଥିଲା। ଦିବ୍ୟ ଜୀବନ ସଂଘ ଶାଖା ସଦସ୍ୟ ଶଙ୍କର ଦାସ, ଲକ୍ଷ୍ମଣ ବେହେରା,ସୋମନାଥ ବେହେରା,ବିଜୟ ପଣ୍ଡା, ରବୀନ୍ଦ୍ର ରଥ, ସରସ୍ୱତୀ ପାଢ଼ୀ, ମଦନ ଦାସ ପ୍ରମୁଖ ପରିଚାଳନା କରିଥିଲେ।

## ସଂକ୍ଷେପରେ

### ବେକରେ ରଶି ଲଗାଇ ନାବାଳକଙ୍କ ଆତ୍ମହତ୍ୟା

ଚନ୍ଦାହାଣ୍ଡି, ୨୨।୯(ଡି.ଏନ୍.ଏ.): ନବରଙ୍ଗପୁର ଜିଲା ଚନ୍ଦାହାଣ୍ଡି ବ୍ଲକ ଜୁନପାଣି ଗ୍ରାମରେ ବୁଧବାର ଜଣେ ନାବାଳକଙ୍କ ଝୁଲନ୍ତା ମୃତଦେହ ମିଳିଛି। ସେ ହେଲେ ହୃଷୀକେଶ ମାଝି( ୧୭)। ନାବାଳକଙ୍କ ବାପା ଶିବଶଙ୍କର ଚନ୍ଦାହାଣ୍ଡି ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ପୋଲିସ ୧୧/୨୧ରେ ଏକ ଅପମୃତ୍ୟୁ ମାମଲା ରୁଜୁ କରିଥିବା ଭାରପ୍ରାପ୍ତ ଥାନାଧିକାରୀ ବିଜୁରାମ ବାଘ କହିଛନ୍ତି। ପୋଲିସ ସୂତ୍ରାନୁସାରେ ହୃଷୀକେଶ ମଙ୍ଗଳବାର ରାତିରେ ଖାଇପିଇ ନିଜ ରୁମ୍‌ରେ ଶୋଇଥିଲେ। ବୁଧବାର ସକାଳେ କିନ୍ତୁ ତାଙ୍କ ଝୁଲନ୍ତା ମୃତଦେହ ରୋଷେଇଘରୁ ମିଳିଥିଲା। ମୃତକଙ୍କ ବାପା ଚନ୍ଦାହାଣ୍ଡି ଥାନାରେ ଏତଲା ଦେଇଥିଲେ। ଏଏସ୍‌ଆଇ ଲଳିତ କୁମାର ପଣ୍ଡା ଘଟଣାସ୍ଥଳରେ ପହଞ୍ଚି ମୃତଦେହ ଜବତକରି ବ୍ୟବଚ୍ଛେଦ ପାଇଁ ଚନ୍ଦାହାଣ୍ଡି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ପଠାଇ ଥିଲେ। ବ୍ୟବଚ୍ଛେଦ ପରେ ମୃତଦେହ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଥିବା ତଦନ୍ତକାରୀ ଅଧିକାରୀ ଏଏସ୍‌ଆଇ ପଣ୍ଡା କହିଛନ୍ତି।

### ବିଜେଡିରେ ମିଶିଲେ ୩ ଶହରୁ ଉର୍ଦ୍ଧ୍ୱ କଂଗ୍ରେସ କର୍ମୀ



ଝରିଗାଁ, ୨୨।୯(ସ୍ୱ.ପ୍ର.): ନବରଙ୍ଗପୁର ଜିଲା ଝରିଗାଁ ବ୍ଲକ ଫୁଫୁଗାଁ ପଞ୍ଚାୟତ ବରାଗୁଡ଼ା ଗ୍ରାମରେ ବିଜେଡିର ଏକ ମିଶ୍ରଣ ପର୍ବ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟ ଅତିଥିଭାବେ ସ୍ଥାନୀୟ ବିଧାୟକ ପ୍ରକାଶ ଚନ୍ଦ୍ର ମାଝି ଉପସ୍ଥିତ ଥିଲେ। ରାଜ୍ୟ ସରକାରଙ୍କ ଉନ୍ନୟନମୂଳକ ଯୋଜନାରେ ଆକୃଷ୍ଟ ହୋଇ ଫୁଫୁଗାଁ ପଞ୍ଚାୟତ ବରାଗୁଡ଼ା, ଡେଙ୍ଗାଗୁଡ଼ା, ତାରାଯୋଡି, ତାରାକୋନାଡ଼ି, ପୂର୍ଣ୍ଣିଗୁଡା,ବିରିଗୁଡା ଆଦି ଗ୍ରାମରୁ ୩ଶହରୁ ଉର୍ଦ୍ଧ୍ୱ କଂଗ୍ରେସ କର୍ମୀ ବିଜେଡିରେ ମିଶିଛନ୍ତି। ନୂତନ କର୍ମୀଙ୍କୁ ବିଧାୟକ ଏବଂ ବିଜେଡି ବ୍ଲକ ସଭାପତି ଉଦୟନାଥ ନାୟକ, ଏମ୍‌ପିଙ୍କ ବ୍ଲକ ପ୍ରତିନିଧି ପ୍ରିୟରଞ୍ଜନ ଦାସ, ବିଧାୟକଙ୍କ ବ୍ଲକ ପ୍ରତିନିଧି ରାମଧର ମାଝି, ବ୍ଲକ ଯୁବ ସଭାପତି ଦୁର୍ଗାପ୍ରସାଦ ମାଝି, ଜିଲା ପରିଷଦ ସଭ୍ୟ ମୋହନ ନାୟକ, ମଦନ ସାମଲ, ଟିକଚନ୍ଦ ମାଝି ପ୍ରମୁଖ ପୁଷ୍ପଗୁଚ୍ଛ ଦେଇ ସ୍ୱାଗତ କରିଥିଲେ।

### ନାଳପାଣିରେ ଭାସିଯାଇ ନାବାଳିକାଙ୍କ ମୃତ୍ୟୁ

ଉମରକୋଟ, ୨୨।୯(ସ୍ୱ.ପ୍ର.): ନାଳପାଣିରେ ଭାସିଯାଇ ଜଣେ ନାବାଳିକାଙ୍କ ମୃତ୍ୟୁ ଘଟିଛି। ସେ ହେଲେ ନବରଙ୍ଗପୁର ଜିଲା ଉମରକୋଟ ବ୍ଲକ ହୀରାପୁର ପଞ୍ଚାୟତର ନାଗଝରି ଗ୍ରାମର ବିଶି ସାନ୍ତାଙ୍କ ଝିଅ ଲଭ୍‌ଲୀ (୧୧)। ଲଭ୍‌ଲୀ ନାଗଝରି ଗ୍ରାମ ନିକଟସ୍ଥ ଏକ ଗ୍ରାମକୁ ଫୁଟ୍‌ବଲ ଖେଳ ଦେଖିବାକୁ ଯାଇଥିଲେ। ଫେରିବାବେଳେ ଗ୍ରାମ ନିକଟସ୍ଥ ନାଳରେ ଖସିପଡ଼ି ନିଖୋଜ ହୋଇଯାଇଥିଲେ। ଗ୍ରାମବାସୀ ଖୋଜାଖୋଜି କରି ତାଙ୍କୁ ଉଦ୍ଧାରକରି ଉମରକୋଟ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। ସେଠାରେ ଡାକ୍ତର ଲଭ୍‌ଲୀଙ୍କୁ ମୃତ ଘୋଷଣା କରିଥିଲେ। ଏହାକୁ ନେଇ ୬୩/୨୦୨୧ରେ ପୋଲିସ ମାମଲା ରୁଜୁକରି ତଦନ୍ତ ଚଳାଇଛି। ବ୍ୟବଚ୍ଛେଦ ପରେ ମୃତଦେହ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଛି।

# ଆନ୍ଧ୍ରରେ ରାୟଗଡ଼ା ଜିଲାର ଶ୍ରମିକଙ୍କୁ ନିର୍ଯାତନା

ଗୁଣପୁର,୨୨।୯(ଡି.ଏନ୍.ଏ.)

- ଫେରାଇ ନେବାକୁ ଭିଡିଓ ମାଧ୍ୟମରେ ନିବେଦନ
- ପୋଡ଼ି ମାରିଦେବାକୁ କମ୍ପାନୀ ମାଲିକଙ୍କ ଧମକ
- ଅଧରାତିରେ ଜଙ୍ଗଲରେ ଲୁଚିଲେ ଶ୍ରମିକ
- ଶ୍ରମ ବିଭାଗ ପାଖରେ ଖବର ନାହିଁ



ପୁଣି ସାମ୍ନାକୁ ଆସିଛି ଦାଦନ ଦୁଃଖ। ସ୍ଥାନୀୟ ଅଞ୍ଚଳରେ କାମଧନ୍ଦା ନ ପାଇ ଗୁଣପୁର ଉପଖଣ୍ଡ ଅଧୀନ ଦୁର୍ଗମ ପୁଟାସିଂ, ପିଣ୍ଡାଗୁଡ଼ି, ପଦ୍ମପୁର ଏବଂ ମୁନିଗୁଡ଼ା ଅଞ୍ଚଳର ୨୦ରୁ ଉର୍ଦ୍ଧ୍ୱ ଶ୍ରମିକ ଦାଦନ ଖଟିବାକୁ ଆନ୍ଧ୍ର ପ୍ରଦେଶ ୱେଷ୍ଟ ଗୋଦାବରୀ ଜିଲା ଭୀମବାରମ୍ ଅଞ୍ଚଳର ଜାଙ୍କାରାମସ୍ଥିତ ଏକ ଚିଙ୍ଗୁଡ଼ି ଉତ୍ପାଦନ ୟୁନିଟକୁ ଯାଇଥିଲେ। ସେଠାରେ ସେମାନଙ୍କୁ କାମ କରାଇ ଟଙ୍କା ନ ଦେଇ ଅକଥନୀୟ ନିର୍ଯାତନା ଦିଆଯାଉଥିବା ଅଭିଯୋଗ ହୋଇଛି। ଟଙ୍କା ମାଗିବା ଓ ନିର୍ଯାତନା ଦେବା ସମୟର ଭିଡିଓ କେତେଜଣ ଶ୍ରମିକ ଉଠାଉଥିବା ବେଳେ ସେମାନଙ୍କୁ ଏକ କୋଠରିରେ ରଖି ମାଡ଼ ମାରିଥିବା ଶ୍ରମିକମାନେ କହିଛନ୍ତି। ଫସି ରହିଥିବା ଶ୍ରମିକମାନେ ଭିଡିଓ ମାଧ୍ୟମରେ ଉଦ୍ଧାର ପାଇଁ ନିବେଦନ କରିଛନ୍ତି। ଏହି ଶ୍ରମିକମାନଙ୍କ ମଧ୍ୟରେ ୪ ମହିଳା ମଧ୍ୟ ରହିଥିବା ଜଣାପଡ଼ିଛି।

ଶ୍ରମିକମାନେ ୩ମାସ ତଳେ କାମ ପାଇଁ ଆନ୍ଧ୍ରକୁ ଯାଇଥିଲେ। ସେଠାରେ ନିର୍ଯାତନାର ଶିକାର ହେବାପରେ ପୁଟାସିଂ ଅଞ୍ଚଳର ଜଣେ ବିବାହିତା ମହିଳା ତାଙ୍କ ସ୍ୱାମୀଙ୍କୁ ଘଟଣା ବିଷୟରେ ଫୋନ୍‌ରେ ଜଣାଇଥିଲେ। ଏହାପରେ ସ୍ୱାମୀ ତ୍ରିନାଥ ଦଳେଇ ପୁଟାସିଂରୁ ଆନ୍ଧ୍ର ଯାଇଥିଲେ। ସେଠାରେ ବାହାର ଲୋକଙ୍କୁ ପ୍ରବେଶ ନ ଥିବାରୁ ତ୍ରିନାଥ ସେଠାରେ କାମ କରିବା ବାହାନାରେ ସେପ୍ଟେମ୍ବର ୯ରେ ଚିଙ୍ଗୁଡ଼ି ଉତ୍ପାଦନ ୟୁନିଟରେ ପ୍ରବେଶ କରିଥିଲେ। ତ୍ରିନାଥ ଦାଦନ ଖଟିବାକୁ ଯାଇଥିବା ଶ୍ରମିକମାନଙ୍କୁ ନିର୍ଯାତନା ଦିଆଯାଉଥିବା ସମୟର ଭିଡିଓ ଉତ୍ତୋଳନ କରିଥିଲେ। ଏହା ଜାଣିବା ପରେ ଚିଙ୍ଗୁଡ଼ି ଫ୍ୟାକ୍ଟ୍ରି ମାଲିକ ଓ ସୁପରଭାଇଜର ତ୍ରିନାଥ ଓ ଅନ୍ୟ ଜଣେ ଶ୍ରମିକଙ୍କୁ ଏକ ଗୋଠରି ମଧ୍ୟରେ ରଖି ଦୁଇଘଣ୍ଟା ପର୍ଯ୍ୟନ୍ତ ମାଡ଼ ମାରିବା ସହ ବାହାରୁ କବାଟ ବନ୍ଦ କରି ଚାଲିଯାଇଥିଲେ। ତ୍ରିନାଥଙ୍କ ସ୍ତ୍ରୀ ସେମାନଙ୍କୁ କୌଣସି ପ୍ରକାରେ ମୁକୁଳାଇଥିଲେ। ଏମିତିକି ପୋଡ଼ି ମାରିଦେବାକୁ ଧମକ ଦେବାରୁ ପ୍ରାଣଭୟରେ ଶ୍ରମିକମାନେ ମଙ୍ଗଳବାର ରାତିଅଧରେ ଲୁଚି ପାଖ ଜଙ୍ଗଲକୁ ପଳାଇଥିବା ଅଭିଯୋଗ ହୋଇଛି। ବୁଧବାର ସକାଳେ ଶ୍ରମିକମାନେ ଆନ୍ଧ୍ରର ୧୦୦ ନଂ. କୁ ଯୋଗାଯୋଗ କରି ସମସ୍ତ ବିଷୟ ପୋଲିସକୁ ଜଣାଇଥିଲେ। ବିଳମ୍ବରେ ହେଲେ ମଧ୍ୟ ସେଠାକାର ପୋଲିସ ସମସ୍ତ ଶ୍ରମିକ ମାନଙ୍କୁ ଉଦ୍ଧାର କରି ତଦନ୍ତ କରିଥିଲେ। ଶ୍ରମିକମାନଙ୍କ ସମସ୍ତ ପାରିଶ୍ରମିକ ଦେବାକୁ ପୋଲିସ ପରେ ଫ୍ୟାକ୍ଟ୍ରି ମାଲିକଙ୍କୁ କହିଥିଲେ। ଏମିତିକି ଆନ୍ଧ୍ରର ସ୍ଥାନୀୟ ଅଞ୍ଚଳର କେତେଜଣ କୁଜି ନେତା ମଧ୍ୟ ଓଡ଼ିଆ ଶ୍ରମିକମାନଙ୍କୁ ସହଯୋଗ କରିଥିବା ତ୍ରିନାଥ କହିଛନ୍ତି। ତେବେ ପୋଲିସର ତାଗିଦ ସତ୍ତ୍ୱେ ଫ୍ୟାକ୍ଟ୍ରି ମାଲିକ ସମସ୍ତ ପ୍ରାପ୍ୟ ନ ଦେଇ କମ୍ ଟଙ୍କା ଦେଇଥିବା ସେମାନେ କହିଛନ୍ତି। ପରିତାପର ବିଷୟ ହେଲା ଏ ବିଷୟରେ ଶ୍ରମ ବିଭାଗ ପାଖରେ ଖବର ନାହିଁ। ଏ ନେଇ ଗୁଣପୁର ସହକାରୀ ଶ୍ରମ ଅଧିକାରୀଙ୍କୁ ଅବଗତ କରାଯିବାରୁ ତାଙ୍କ ନିକଟରେ କୌଣସି ଅଭିଯୋଗ ପହଞ୍ଚି ନ ଥିବା କହିଛନ୍ତି। ତଥାପି ଅନୁସନ୍ଧାନ କରି ଆବଶ୍ୟକ ପଦକ୍ଷେପ ନେବେ ବୋଲି ସେ କହିଛନ୍ତି।

ପ୍ରକାଶଯୋଗ୍ୟ, ଜୁଲାଇ ୨୯ ରାତିରେ ରାୟଗଡ଼ା ଜିଲାର ଗୁଣପୁର ଅଞ୍ଚଳର ୫ ଏବଂ ଗଜପତି ଜିଲାର ଜଣେ ଶ୍ରମିକ ଦାଦନ ଖଟିବାକୁ ଯାଇ ଆନ୍ଧ୍ରର ଲାଙ୍କାଭାନିଦିବା ଗ୍ରାମର ଚିଙ୍ଗୁଡ଼ି ପ୍ରୋସେସିଙ୍ଗ ସେଣ୍ଟରର ଅସ୍ଥାୟୀ କୋଠରିରେ ନିଆଁଲାଗି ଜୀବନ୍ତ ଦଗ୍ଧ ହୋଇଥିଲେ। ସେ ସମୟରେ ମଧ୍ୟ ଶ୍ରମିକଙ୍କ ପରିବାର ଲୋକେ କମ୍ପାନୀ ମାଲିକଙ୍କ ବିରୋଧରେ ହତ୍ୟା ଅଭିଯୋଗ ଆଣିଥିଲେ। ପରେ ଗୁଣପୁର ବିଧାୟକ ସେଠାକୁ ଯାଇ ଅନ୍ୟ ଦାଦନ ଶ୍ରମିକଙ୍କୁ ଉଦ୍ଧାର କରି ଅଗଷ୍ଟ ୧ ରେ ଗୁଣପୁରକୁ ନେଇ ଆସିଥିଲେ। ତେଣୁ ପୁଣି ଏକ ବଡ଼ ଘଟଣା ଘଟିବା ପୂର୍ବରୁ ରାୟଗଡ଼ା ଜିଲା ପ୍ରଶାସନ ଏଥିରେ ହସ୍ତକ୍ଷେପ ପରେ ଶ୍ରମିକମାନଙ୍କୁ ଫେରାଇ ଆଣିବାକୁ ଅଞ୍ଚଳର ବୁଦ୍ଧିଜୀବୀଙ୍କ ମଧ୍ୟରେ ମତ ପ୍ରକାଶ ପାଇଛି।

## ଶ୍ରେଷ୍ଠ ୧୦ରେ ରାୟଗଡ଼ାର ୪ ଛାତ୍ରୀ

### ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ ଯୁକ୍ତ ୩ ଶେଷବର୍ଷ ପରୀକ୍ଷାଫଳ

ରାୟଗଡ଼ା ଅଫିସ,୨୨।୯

ବ୍ରହ୍ମପୁର ବିଶ୍ୱ ବିଦ୍ୟାଳୟର ଯୁକ୍ତ ୩ ଶେଷବର୍ଷ ପରୀକ୍ଷା ଫଳ ମଙ୍ଗଳବାର ପ୍ରକାଶ ପାଇଛି। ଏଥିରେ ବିଶ୍ୱ ବିଦ୍ୟାଳୟର ଗୃହ ବିଜ୍ଞାନ ବିଭାଗର ଶ୍ରେଷ୍ଠ ୧୦ ଜଣଙ୍କ ମଧ୍ୟରେ ରାୟଗଡ଼ା ମହିଳା ମହାବିଦ୍ୟାଳୟର ୪ ଛାତ୍ରୀ ରହିଛନ୍ତି। ଏଲ୍. ନବ୍ୟା ୨ୟ ସ୍ଥାନରେ ରହିଥିବାବେଳେ ସୁବୁଦ୍ଧି ସରସ୍ୱତୀ ୪ର୍ଥ, ଜ୍ୟୋତି ଟାକ୍ରି ୬ଷ୍ଠ ଓ ରିଙ୍କି ପଟେଲ ୯ମ ସ୍ଥାନରେ ରହିଛନ୍ତି। ଗୃହ ବିଜ୍ଞାନ ବିଭାଗୀୟ ମୁଖ୍ୟ ନିହାର ବାଳା ପଣ୍ଡା, ଅଧ୍ୟାପିକା ସରିତା ମିଶ୍ରଙ୍କ ପ୍ରଚେଷ୍ଟା ଯୋଗୁ ଏହା ସମ୍ଭବ ହୋଇଛି ବୋଲି ଛାତ୍ରୀମାନେ କହିଛନ୍ତି ମହିଳା ମହାବିଦ୍ୟାଳୟର ଅଧକ୍ଷା ଅର୍ଚ୍ଚନା ପଟ୍ଟନାୟକ ଛାତ୍ରୀଛାତ୍ରଙ୍କୁ ଶୁଭେଚ୍ଛା ଜଣାଇଛନ୍ତି।

## ୫୬୭ ଶିକ୍ଷୟିତ୍ରୀ, ଶିକ୍ଷକଙ୍କ ପ୍ରମାଣପତ୍ର ଯାଞ୍ଚ

ଗୁଣପୁର,୨୨।୯(ଡି.ଏନ୍.ଏ.)

ଜାଲ୍ ପ୍ରମାଣପତ୍ର ଦାଖଲକରି ଶିକ୍ଷକତା କରିଥିବା ଅଭିଯୋଗ ହେବା ପରେ ରାଜ୍ୟ ସରକାର ଏହି ପ୍ରସଙ୍ଗକୁ ଗୁରୁତର ସହ ନେଇଛନ୍ତି। ଏହି କ୍ରମରେ ରାୟଗଡ଼ା ଜିଲା ଗୁଣପୁର ବ୍ଲକ ଏବଂ ପୌର ପରିଷଦରେ ଶିକ୍ଷକମାନଙ୍କ ଶିକ୍ଷାଗତ ଯୋଗ୍ୟତା ସହ ଅନ୍ୟ ପ୍ରମାଣପତ୍ରର ଯାଞ୍ଚ କାର୍ଯ୍ୟ ଆରମ୍ଭ ହୋଇଛି। ଗୁଣପୁର ବିଇଓଙ୍କ କାର୍ଯ୍ୟାଳୟସ୍ଥିତ ବିଆର୍‌ସିସି ଅଫିସ୍‌ଠାରେ ଶିକ୍ଷୟିତ୍ରୀ ଶିକ୍ଷକମାନଙ୍କ ପ୍ରମାଣପତ୍ର ଯାଞ୍ଚ କରାଯାଇଛି। ଗୁଣପୁର ବ୍ଲକର ୧୬ ଏବଂ ପୌର ପରିଷଦର ଦୁଇଟି ଏପରି ମୋଟ ୧୮ଟି କ୍ଲଷ୍ଟରରେ ୫୮୭ ଜଣ ଶିକ୍ଷୟିତ୍ରୀ ଶିକ୍ଷକ ରହିଥିବାବେଳେ ୫୬୭ ଜଣଙ୍କ ଯାଞ୍ଚ କରାଯାଇଥିଲା। ୨୦ ଜଣ ଶିକ୍ଷୟିତ୍ରୀ ଶିକ୍ଷକ ସେମାନଙ୍କ ପ୍ରମାଣପତ୍ର ଦାଖଲ କରି ନ ଥିବାରୁ ସେମାନଙ୍କ ଯାଞ୍ଚ ପ୍ରକ୍ରିୟା ଗୁରୁବାର କରାଯିବ ବୋଲି ଜଣାପଡ଼ିଛି। ତେବେ ଏହା କେଉଁ ଆଧାରରେ କରାଯାଇଛି ଏବଂ ଗୁଣପୁର ବ୍ଲକ ଓ ପୌର ପରିଷଦରେ କେତେଜଣ ଜାଲ୍ ପ୍ରମାଣପତ୍ରରେ ଶିକ୍ଷକତା କରୁଛନ୍ତି ତାହା ଜଣାପଡ଼ିନାହିଁ।

## ଚାଷୀ,ବ୍ୟବସାୟୀଙ୍କୁ ସଚେତନ କରିବ କିଷାନ ରଥ




ଉପଜିଲାପାଳ ସବୁଜ ପତାକା ଦେଖାଇ ରଥକୁ ଶୁଭାରମ୍ଭ କରୁଛନ୍ତି।

ରାୟଗଡ଼ା ଅଫିସ,୨୨।୯

ଭାରତ ସରକାରଙ୍କ କୃଷି ଓ କୃଷକ କଲ୍ୟାଣ ବିଭାଗ ପକ୍ଷରୁ କିଷାନ ରଥ ଶୁଭାରମ୍ଭ ହୋଇଛି। ସ୍ଥାନୀୟ ଆର୍‌ଏମ୍‌ସି ପରିସରରେ ରାୟଗଡ଼ା ଉପଜିଲାପାଳ ପ୍ରତାପ ଚନ୍ଦ୍ର ପ୍ରଧାନ, ଆର୍‌ଏମ୍‌ସି ସମ୍ପାଦକ ବିପିନ ବିହାରୀ ସ୍ୱାଇଁ ଓ କର୍ମଚାରୀଙ୍କ ଉପସ୍ଥିତିରେ ରଥ ଶୁଭାରମ୍ଭ ହୋଇଛି। ଏହି ରଥ ଜିଲାର ବିଭିନ୍ନ ଅଞ୍ଚଳରେ କିଷାନ ରଥ ମୋବାଇଲ ଆପ୍ ବିଷୟରେ ଚାଷୀ ଓ ବ୍ୟବସାୟୀଙ୍କୁ ସଚେତନ କରିବ। ଜିଲାରେ ଏହି ଆପ୍‌ର ପରିଚାଳନା ନିମନ୍ତେ ଚାଷୀ ଏବଂ ବ୍ୟବସାୟୀମାନେ ନିଜ ଆଣ୍ଡ୍ରଏଡ୍ ମୋବାଇଲରେ କିଷାନ ରଥ ଅପ୍ ଡାଉନ୍‌ଲୋଡ୍ କରିପାରିବେ। ଏହି ଆପ୍ଲିକେଶନ(ଆପ୍) ଦ୍ୱାରା ଚାଷୀ ଏବଂ ବ୍ୟବସାୟୀମାନେ ଘରେ ବସି ସୁବିଧାରେ ସେମାନଙ୍କ କୃଷିଜାତ ଦ୍ରବ୍ୟ ତଥା ଖାଦ୍ୟଶସ୍ୟର ପରିବହନ କରିପାରିବେ। ଅତି ସହଜରେ କୃଷିଜାତ ଦ୍ରବ୍ୟକୁ ନିର୍ଦ୍ଧାରିତ ସ୍ଥାନକୁ ପହଞ୍ଚାଇ ପାରିବେ। ଚାଷୀ ତଥା ବ୍ୟବସାୟୀ ନିଜ ଗନ୍ତବ୍ୟସ୍ଥଳର

### 'କିଷାନ ରଥ' ଆପ୍‌ରୁ ପାଇବେ ସୁବିଧା

ସମ୍ପୂର୍ଣ୍ଣ ବିବରଣୀ ଯଥା ରାଜ୍ୟ, ଜିଲା ଓ ବ୍ଲକର ନାମ ପ୍ରଦାନ କରିବା ସହ ଗାଡ଼ି ନମ୍ବର ଓ ସମ୍ପୃକ୍ତ ବ୍ୟକ୍ତିଙ୍କ ସମ୍ପୂର୍ଣ୍ଣ ଠିକଣା ଦେଇ ବଟନ କ୍ଲିକ୍ କରିବା ପରେ ପରିବହନ କରିପାରିବେ। ଅନୁରୋଧ ନମ୍ବର ମାଧ୍ୟମରେ ସମ୍ପୂର୍ଣ୍ଣ ବିବରଣୀ ଜାଣିପାରିବେ ଏବଂ ଅନୁରୋଧକୁ ରଦ୍ଦ ମଧ୍ୟ କରିପାରିବେ ବୋଲି ଶୁଭାରମ୍ଭ କାର୍ଯ୍ୟକ୍ରମରେ ଉପଜିଲାପାଳ କହିଛନ୍ତି। ସେହିପରି ଚାଷଜମିରୁ ଉତ୍ପାଦିତ ଦ୍ରବ୍ୟକୁ ଫାର୍ମରୁ ମଣ୍ଡି ଏବଂ ଗୋଟିଏ ମଣ୍ଡିରୁ ଅନ୍ୟ ସ୍ଥାନକୁ ପରିବହନ କରିବା ସୁବିଧା, କୃଷକ ଏଫ୍‌ପିଓ, ଆର୍‌ଏମ୍‌ସି ମଣ୍ଡି ମଧ୍ୟରେ ନିରନ୍ତର ଯୋଗାଣ ସଂଯୋଗ, ଅନ୍ତଃରାଜ୍ୟ ଏବଂ ଅନ୍ତଃମଣ୍ଡି କ୍ରେତାଙ୍କ ପରିବହନ ପାଇଁ ସୁବିଧା ସହ ଦ୍ରବ୍ୟର ଅପଚୟ ହ୍ରାସ କରିବାରେ ସାହାଯ୍ୟ କରିଥାଏ। ଶୀଘ୍ର ନଷ୍ଟ ହେଉଥିବା କୃଷିଜାତ ଦ୍ରବ୍ୟର ମଧ୍ୟ ଉପଯୁକ୍ତ ମୂଲ୍ୟ ପାଇବାରେ ସହାୟକ ହୋଇପାରିବ ବୋଲି ଆର୍‌ଏମ୍‌ସି ସମ୍ପାଦକ କହିଛନ୍ତି।

## ମୃତଦେହ ସତ୍କାରକୁ ଗ୍ରାମବାସୀଙ୍କ ବିରୋଧ

କୋଡିଙ୍ଗା, ୨୨।୯(ଡି.ଏନ୍.ଏ.)



ନେଙ୍ଗାନାଲ ଗ୍ରାମରେ ପହଞ୍ଚି ଥିବା ପ୍ରଶାସନିକ ଅଧିକାରୀମାନେ।

- ମନ୍ଦିର ତିଆରିକୁ ନେଇ ୨ ଗୋଷ୍ଠୀ ମଧ୍ୟରେ ରହିଥିଲା ବିବାଦ
- ପ୍ରଶାସନ ହସ୍ତକ୍ଷେପ ପରେ ଶାନ୍ତ ପଡିଲା ପରିସ୍ଥିତି
- ଅପରାହ୍ନରେ ମୃତଦେହକୁ ଦିଆଗଲା କବର

ମୃତଦେହ ସତ୍କାରକୁ ନେଇ ମତଭେଦ। ଗାଁ ଶ୍ମସାନରେ ମୃତଦେହକୁ କବର ଦେବାକୁ ବିରୋଧ କଲେ ଗ୍ରାମବାସୀ। ଘଟଣାସ୍ଥଳରେ କଥା କଟାକଟି, ବଚସା। ପ୍ରଶାସନର ହସ୍ତକ୍ଷେପ ପରେ ଶାନ୍ତ ପଡିଲା ପରିସ୍ଥିତି। ଏହାପରେ ମୃତକଙ୍କୁ ଅପରାହ୍ନରେ ଦିଆଗଲା କବର। ଏପରି ଅଭାବନୀୟ ଘଟଣା ଘଟିଛି ନବରଙ୍ଗପୁର ଜିଲା ପଣ୍ଡୁଗୁଡ଼ା ପଞ୍ଚାୟତ ନେଙ୍ଗନାଲ ଗ୍ରାମରେ। ସୂଚନାନୁଯାୟୀ, ନେଙ୍ଗନାଲ ଗ୍ରାମରେ ସମସ୍ତଙ୍କ ଆର୍ଥିକ ସହଯୋଗରେ ଏକ ଠାକୁରାଣୀ ମନ୍ଦିର ନିର୍ମାଣ କରାଯାଇଥିଲା। ଗାଁରେ ଥିବା ଅନ୍ୟ ସମ୍ପ୍ରଦାୟର ୧୬ ପରିବାର କିନ୍ତୁ ଉକ୍ତ ମନ୍ଦିର ତିଆରିକୁ ବିରୋଧ କରିଥିଲେ। ମଙ୍ଗଳବାର ରାତିରେ ସେମାନଙ୍କ ମଧ୍ୟରୁ ପର୍ଶୁ ହରିଜନଙ୍କ ମା'ଙ୍କର ମୃତ୍ୟୁ ହୋଇଥିଲା। ମୃତଦେହକୁ କବର ଦେବାକୁ ନେଇ ଗ୍ରାମବାସୀ ଓ ପର୍ଶୁଙ୍କ ମଧ୍ୟରେ କଥା କଟାକଟି ହୋଇଥିଲା। କଥା ଏତେ ବଢିଯାଇଥିଲା ଯେ, ଗାଁର କୌଣସି ସ୍ଥାନରେ ମୃତଦେହକୁ କବର ଦିଆଯିବ ନାହିଁ ବୋଲି ଗ୍ରାମବାସୀ ଜିଦ୍ ଧରି ବସିଥିଲେ। ସୂଚନାପାଇ କୋଡିଙ୍ଗା ତହସିଲଦାର ଶିବପ୍ରସାଦ ପଟ୍ଟନାୟକ, କୋଡିଙ୍ଗା ଓ କୋଷାଗୁମୁଡ଼ା ପୋଲିସ ଘଟଣାସ୍ଥଳରେ ପହଞ୍ଚି ଥିଲେ। ସେମାନେ ସମସ୍ତଙ୍କୁ ବୁଝାଶୁଝା କରିବା ପରେ ପରିସ୍ଥିତି ନିୟନ୍ତ୍ରଣକୁ ଆସିଥିଲା। ଶେଷରେ ବୁଧବାର ଅପରାହ୍ନ ୪ଟାରେ ମୃତଦେହକୁ କବର ଦିଆଯାଇଥିଲା।

## ବୃଦ୍ଧ ନିଖୋଜ, ନଦୀରେ ବୁଡ଼ିଯାଇଥିବା ସନ୍ଦେହ

ନନ୍ଦାହାଣ୍ଡି, ୨୨।୯( ଡି.ଏନ୍.ଏ.)

ନନ୍ଦାହାଣ୍ଡି ବ୍ଲକ ବି.ମାଳିଗୁଡ଼ାର ସଦା ପୂଜାରୀ (୬୫) ଗାଈ ଚରାଇବାକୁ ଯାଇ ନିଖୋଜ ହୋଇଯାଇଥିବା ପରିବାର ଲୋକେ ଅଭିଯୋଗ କରିଛନ୍ତି। ନନ୍ଦାହାଣ୍ଡି ପୋଲିସ ତଦନ୍ତ କରୁଛି। ସଦା ସବୁଦିନ ଭଳି ମଙ୍ଗଳବାର ଗାଈ ଚରାଇବାକୁ ଯାଇଥିଲେ। ସନ୍ଧ୍ୟା ବେଳକୁ ଗାଈ ଓ ସାଙ୍ଗରେ ଯାଇଥିବା ତାଙ୍କ ପୋଷା କୁକୁର ଘରକୁ ଫେରିଥିଲେ। କିନ୍ତୁ ସଦା ଆସି ନ ଥିଲେ। ପରିବାର ଲୋକେ ତାଙ୍କୁ ନ ପାଇବାରୁ ପୋଲିସକୁ ଖବର ଦେଇଥିଲେ। ପୋଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ କରିଥିଲା। ନିକଟରେ ପ୍ରବାହିତ ଇନ୍ଦ୍ରାବତୀ ନଦୀରେ ବୁଡ଼ିଯାଇଥିବା ଆଶଙ୍କା କରି ପୋଲିସ ଅଗ୍ନିଶମ ବାହିନୀକୁ ଡକାଇଥିଲା। ନନ୍ଦାହାଣ୍ଡି, ନବରଙ୍ଗପୁର ଅଗ୍ନିଶମ ବାହିନୀର ମିଳିତ ଉଦ୍ୟମରେ ଖୋଜାଖୋଜି ପରେ ବି ବୃଦ୍ଧଙ୍କର କୌଣସି ପତ୍ତା ମିଳିନାହିଁ। ଆଖପାଖ ଅଞ୍ଚଳ ଓ ନଦୀରେ ପୁଣିଥରେ ଖୋଜାଖୋଜି କରାଯିବ ବୋଲି ପୋଲିସ ଏବଂ ଅଗ୍ନିଶମ ବିଭାଗ ସୂଚନା ଦେଇଛି।

## ସ୍କୁଲ ଆଧୁନିକୀକରଣ କାର୍ଯ୍ୟର ତଦାରଖ କଲେ

ରାୟଗଡ଼ା ଅଫିସ/ ଟିକିରି, ୨୨।୯(ଡି.ଏନ୍.ଏ.)

### ଏସ୍‌ସି, ଏସ୍‌ଟି ଉନ୍ନୟନ ବିଭାଗ ନିର୍ଦ୍ଦେଶିକାଙ୍କ ରାୟଗଡ଼ା ଗସ୍ତ



ଥୁଟିବର ହାଇସ୍କୁଲ ପରିସରରେ ବିଭାଗୀୟ ନିର୍ଦ୍ଦେଶିକା ଓ ଜିଲାପାଳ।

ରାଜ୍ୟ ଅନୁସୂଚିତ ଜନଜାତି ଓ ଜାତି(ଏସ୍‌ସି ଓ ଏସ୍‌ଟି) ଉନ୍ନୟନ ବିଭାଗ ନିର୍ଦ୍ଦେଶିକା ଗୁହା ପୁନମ୍ ତାପସ କୁମାର ବୁଧବାର ରାୟଗଡ଼ା ଜିଲା ଗସ୍ତକରି ୫-ଟି ଅଧୀନରେ ଚାଲିଥିବା ସ୍କୁଲ ଆଧୁନିକୀକରଣ କାର୍ଯ୍ୟ ବୁଝିଛନ୍ତି। ନିର୍ଦ୍ଦେଶିକାଙ୍କ ସହ ରାୟଗଡ଼ା ଜିଲାପାଳ ସରୋଜ କୁମାର ମିଶ୍ର ରାୟଗଡ଼ା ସହରସ୍ଥିତ ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟ, ଏକଲବ୍ୟ ଆଦର୍ଶ ବିଦ୍ୟାଳୟ ପରିଦର୍ଶନ କରିଥିଲେ। ପରେ କାଶୀପୁରରେ ପହଞ୍ଚିବା ପରେ ପ୍ରଥମେ ବିଡିଓ ଗୌର ଚନ୍ଦ୍ର ପଟ୍ଟନାୟକ ଏବଂ କାଶୀପୁର ତହସିଲଦାର ଶରତ ଶବର ଉଭୟଙ୍କୁ ସ୍ୱାଗତ କରିଥିଲେ। ଏହାପରେ ଥୁଟିବର ସରକାରୀ ଉଚ୍ଚ ବାଳିକା ବିଦ୍ୟାଳୟ ଗସ୍ତକରି ସେଠାରେ ଥିବା ବାଳିକା ହଷ୍ଟେଲ ବୁଲି ଦେଖିଥିଲେ। ପରେ ଶ୍ରେଣୀ ଗୃହକୁ ଯାଇ ଛାତ୍ରୀମାନଙ୍କ ସହ ସୁବିଧା ଅସୁବିଧା ନେଇ ଆଲୋଚନା କରିଥିଲେ। ଏହାପରେ କାଶୀପୁର ସରକାରୀ ହାଇସ୍କୁଲ ଗସ୍ତରେ ଯାଇ ୫-ଟି ଅନ୍ତର୍ଗତ ମୋ ସ୍କୁଲ କାର୍ଯ୍ୟକ୍ରମରେ ଚାଲିଥିବା ଆଧୁନିକୀକରଣ କାର୍ଯ୍ୟର ତଦାରଖ କରିଥିଲେ। ସ୍କୁଲ ପରିସରରେ ଥିବା ହଷ୍ଟେଲ ବିଷୟରେ ଶିକ୍ଷୟିତ୍ରୀ, ଶିକ୍ଷକଙ୍କ ସହ ଆଲୋଚନା କରିବା ସହ ହଷ୍ଟେଲ ପରିଚାଳନା ବିଷୟରେ ପଚାରି ବୁଝିଥିଲେ। ନିର୍ଦ୍ଦେଶିକାଙ୍କ ଗସ୍ତବେଳେ ବିଦ୍ୟାଳୟ କର୍ମଚାରୀ, ବିଡିଓ, ତହସିଲଦାର ଶରତ ଶବରଙ୍କ ସମେତ ବିଭାଗୀୟ ଅଧିକାରୀମାନେ ଉପସ୍ଥିତ ଥିଲେ।

## ଖଦି ବୋର୍ଡ ସଦସ୍ୟଙ୍କ ମା'ଙ୍କ ପରଲୋକ

### କରୋନା ସଂକ୍ରମିତ ଥିଲେ

ବିଷମକଟକ,୨୨।୯(ଡି.ଏନ୍.ଏ.)

ବିଷମକଟକ ଅଞ୍ଚଳର ବିଦ୍ୟୁଲତା ସାହୁ (୬୫)ଙ୍କ ବୁଧବାର ପରଲୋକ ହୋଇଛି। ସେ ସେପ୍ଟେମ୍ବର ୧୬ରେ କରୋନା ସଂକ୍ରମିତ ଚିହ୍ନଟ ହୋଇଥିଲେ। ଭୁବନେଶ୍ୱରସ୍ଥିତ ଏକ ଘରୋଇ ହସ୍ପିଟାଲରେ ତାଙ୍କର ଚିକିତ୍ସା ଚାଲିଥିଲା। ଚିକିତ୍ସାଧୀନ ଅବସ୍ଥାରେ ସେଠାରେ ତାଙ୍କର ମୃତ୍ୟୁ ଘଟିଛି। ବିଦ୍ୟୁଲତା ସାମାଜିକ କର୍ମୀ ତଥା ରାଜ୍ୟ ଖଦି ବୋର୍ଡ ସଦସ୍ୟ ପୃଥ୍ୱୀରାଜ ସାହୁଙ୍କ ମା'।

## ବିଜୁ ସ୍ମାର୍ଟ ହେଲ୍‌ଥ କାର୍ଡ ବଣ୍ଟନ କର୍ମଶାଳା

କୋଷାଗୁମୁଡ଼ା/କୋଡ଼ିଙ୍ଗା, ୨୨।୯(ଡି.ଏନ୍.ଏ.)

ନବରଙ୍ଗପୁର ଜିଲା କୋଷାଗୁମୁଡ଼ା ବ୍ଲକ ସଦର ମହକୁମା ସଭାଗୃହଠାରେ ବୁଧବାର ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନାର ସ୍ମାର୍ଟ ହେଲ୍‌ଥ କାର୍ଡ ବଣ୍ଟନ କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। ବ୍ଲକର ୨୬ ପଞ୍ଚାୟତରେ ଥିବା ଯୋଗ୍ୟ ପରିବାର କିଭଳି ସ୍ମାର୍ଟ କାର୍ଡ ପାଇବେ ସେ ନେଇ ଆଲୋଚନା ହୋଇଥିଲା। କୋଭିଡ୍ ଗାଇଡ୍‌ଲାଇନରେ ସ୍ମାର୍ଟ କାର୍ଡ କିଭଳି ଆସିବ, କିପରି ବଣ୍ଟାହେବ ସେ ନେଇ କର୍ମଶାଳାର ଆଲୋଚନା କରାଯାଇଛି। ଏହି କର୍ମଶାଳାରେ କୋଷାଗୁମୁଡ଼ା ବ୍ଲକ ଅଧକ୍ଷା ଗୀତାରାଣୀ ସମରଥ, କୋଡ଼ିଙ୍ଗା ତହସିଲଦାର ଶିବପ୍ରସାଦ ପଟ୍ଟନାୟକ, ବିଡିଓ ଅକ୍ଷମିତା କାର୍ତ୍ତିକ, ଯୋଗାଣ ନିରୀକ୍ଷକ ଦେବେନ୍ଦ୍ର ପଟ୍ଟନାୟକ, ସିଡିପିଓ ଗୀତା ମହାରଣା, ବ୍ଲକ ଶିକ୍ଷା ବିଭାଗ, ସ୍ଥାନୀୟ ପୋଲିସ, ସ୍ୱାସ୍ଥ୍ୟ ବିଭାଗ ଅଧିକାରୀମାନେ ଉପସ୍ଥିତ ଥିଲେ।

## ନୂଆଖାଇ ଭେଟ୍‌ରେ ଜମିଲା ପାରମ୍ପରିକ ନୃତ୍ୟର ଆସର



କୁନିକୁନି ପିଲାମାନେ ନୃତ୍ୟ ପରିବେଷଣ କରୁଛନ୍ତି।

ରାଇଘର, ୨୨।୯(ଡି.ଏନ୍.ଏ.)

ନବରଙ୍ଗପୁର ଜିଲା ରାଇଘର କଳସୀ ଠାକୁରାଣୀ ମନ୍ଦିରରେ ନିଆରା ଢଙ୍ଗରେ ନୂଆଖାଇ ଭେଟ୍‌ଘାଟ ପାଳିତ ହୋଇଯାଇଛି। ମା' ଗଙ୍ଗାଦେଈ ଠାକୁରାଣୀଙ୍କ ପ୍ରସିଦ୍ଧ କଳସୀ ମନ୍ଦିରରେ ମହିଳା ପୁରୁଷ, ଯୁବତୀ ଯୁବକ ଓ କୁନି ପିଲା ଯୋଗଦେଇ ନୂଆଖାଇ ଭେଟ୍‌ଘାଟ ପାଳିଥିଲେ। ରାଇଘରସ୍ଥିତ ଭିତରଗଡ଼ ଗଜଭାରଣ୍ଡରେ ଶନିବାର ବାଲିଯାତ୍ରା ଅନୁଷ୍ଠିତ ହୋଇଥିଲା। ଠାକୁରାଣୀ ମନ୍ଦିରରେ ଭାଦ୍ରବ ଯାତ୍ରା ଅନୁଷ୍ଠିତ ହୋଇ ନୂଆଖାଇ ପାଇଁ ଦିନ ଧାର୍ଯ୍ୟ ହୋଇଥିଲା। ନୂଆଖାଇ ଭେଟ୍‌ଘାଟ ଆବାହକ କମଳ ସିଂ ରାଜପୁତ, ସାତପାଲିର ଗାଉଁଟିଆ (ଗାଁ ମୁଖିଆ) ସୁଦର୍ଶନ ମାଝି, ଶୁକଦେବ ଗଣ୍ଡ, ଗଣ୍ଡ ସମାଜ ସଭାପତି ମଣିରାମ ଗଣ୍ଡ, ମାଳିସିଂ ପାତ୍ର, ଲକ୍ଷ୍ମଣ ସିଂ ଦଣ୍ଡସେନା, ଲଖୁ ଗଣ୍ଡ, ଲବ ପୂଜାରୀ, ରାମବିଳାସ ଗଣ୍ଡ ପ୍ରମୁଖଙ୍କ ସମେତ ବହୁ ଗ୍ରାମବାସୀ ଉପସ୍ଥିତ ଥିଲେ। ମା'ଙ୍କ ମନ୍ଦିର ପରିସରରେ ନବାନ୍ନ ସେବନ ପରେ ପରମ୍ପରା ଅନୁସାରେ ପ୍ରତ୍ୟେକ ଗ୍ରାମରୁ ଆସିଥିବା ମୁଖିଆଙ୍କୁ ନୂଆ ବସ୍ତ୍ର ପ୍ରଦାନ କରାଯାଇଛି। ଏହାପରେ ପାରମ୍ପରିକ ନାଚଗୀତ କରାଯାଇଛି। ପ୍ରଥମେ ଗ୍ରାମର କୁନି କୁନି ପିଲା ପରିବେଷଣ କରିଥିଲେ। ପରେ ଗାଣ୍ଡ୍ରା ଗ୍ରାମର ଯୁବତୀ ଯୁବକ ଆଦିବାସୀ ନାଚ ଦେଖାଇଥିଲେ। ଚଢ଼ିଆପଦର ଗ୍ରାମର ମାଟିମାନ୍ଦର ନୃତ୍ୟ ଓ ଦେଶଭକ୍ତି ଏହିପରି ବିଭିନ୍ନ ପାରମ୍ପରିକ ନୃତ୍ୟ ପରିବେଷଣ କରାଯାଇଥିଲା। ପରେ ସମସ୍ତେ ବଡ଼ମାନଙ୍କୁ ଜୁହାରକରି ଫେରିଥିଲେ। ରାଇଘର ଭିତରଗଡ଼ର ଯୁବକ ସଂଘ ସମ୍ପୂର୍ଣ୍ଣ ସହଯୋଗ କରିଛି।

## ଚିହ୍ନଟ ହୋଇପାରୁନି ଘରଡ଼ିହ ଜମି

ନବରଙ୍ଗପୁର,୨୨।୯(ବି.ପ୍ର.)

### ରାଜସ୍ୱ ନିରୀକ୍ଷକ ଓ ତହସିଲ କାର୍ଯ୍ୟାଳୟକୁ ଦୌଡ଼ି ହିତାଧିକାରୀ ନୟାନ୍ତ



ପୁଅ ରଞ୍ଜନଙ୍କ ସହ ସି.ଏଚ୍. ଲକ୍ଷ୍ମୀ।

ଭୂମିହୀନଙ୍କୁ ସରକାରଙ୍କ ପକ୍ଷରୁ ଘରଡିହ ଜମି ପଟ୍ଟା ଯୋଗାଇ ଦିଆଗଲା। କିନ୍ତୁ ଜମି ଚିହ୍ନଟ ହୋଇପାରୁନାହିଁ। ରାଜସ୍ୱ ବିଭାଗ ଦ୍ୱାରା ହଇରାଣ ହରକତ ହୋଇ ହିତାଧିକାରୀ ରାଜସ୍ୱ ନିରୀକ୍ଷକଙ୍କ କାର୍ଯ୍ୟାଳୟ , ତହସିଲ ଓ ଥାନାକୁ ଦୌଡ଼ି ନୟାନ୍ତ ହୋଇଗଲେଣି। ଏଭଳି ଏକ ଘଟଣା ଘଟିଛି ନବରଙ୍ଗପୁର ତହସିଲ ଅଧୀନ ଅଗ୍ନିପୁର ପଞ୍ଚାୟତରେ।

ଭୂମିହୀନ ହିତାଧିକାରୀ ସି.ଏଚ୍. ଲକ୍ଷ୍ମୀ ଜଣେ କର୍କଟ ରୋଗୀ। ନବରଙ୍ଗପୁର ହିର୍ଲି ଡଙ୍ଗର ନିକଟରେ ସରକାରୀ ଜମିରେ ପଲିଥିନ ପକାଇ ଘର କରି ରହିଛନ୍ତି। ୧୧ ବର୍ଷ ତଳେ ସ୍ୱାମୀ ସି.ଏଚ୍. ଈଶ୍ୱର ରାଓଙ୍କ ମୃତ୍ୟୁ ହୋଇଯାଇଛି। ପୁଅ ସି.ଏଚ୍. ରଞ୍ଜନଙ୍କ ସହ ଉକ୍ତ ପଲିଥିନ ଛପର ଘରେ ସେ ରହୁଛନ୍ତି। ୨୦୧୭ ଜୁଲାଇ ୧ରେ ଜିଲାପାଳଙ୍କ ଅଭିଯୋଗ ପ୍ରକୋଷ୍ଠରେ ଜମି ଓ ଆବାସ ଯୋଜନାରେ ଘର ପାଇଁ ନିବେଦନ କରିଥିଲେ। ଜିଲାପାଳ ନବରଙ୍ଗପୁର ତହସିଲଦାରଙ୍କ ନିକଟକୁ ଅଭିଯୋଗ ପଠାଇଥିଲେ। ପରେ ତହସିଲ ପକ୍ଷରୁ ଭୂମିହୀନ ଲକ୍ଷ୍ମୀଙ୍କୁ ୨ ସେଣ୍ଟ ଜମି ପଟ୍ଟା ପ୍ରଦାନ କରାଗଲା। ଦେଓଳା ରାଜସ୍ୱ ସର୍କଲ ଅଧୀନ ଅଗ୍ନିପୁର ପଞ୍ଚାୟତସ୍ଥିତ କୋଭିଡ୍ ସ୍ୱାସ୍ଥ୍ୟକେନ୍ଦ୍ର ରାସ୍ତାକଡରେ ଦେଓଳା ରାଜସ୍ୱ ନିରୀକ୍ଷକ ଘର ତିଆରି କରିବା ପାଇଁ ଜମି ଚିହ୍ନଟ କରିଦେଲେ। ସେଠାରେ ସେ ଘର ତିଆରି କରିବା ପୂର୍ବରୁ ଅନ୍ୟ ଜଣେ ଭୂମିହୀନ ଉକ୍ତ ସ୍ଥାନରେ ଘର ତିଆରି କଲେ। ତେଣୁ ଲକ୍ଷ୍ମୀଙ୍କୁ ସେଠାରେ ଥିବା ଆଉ ଏକ ଜମି ଦେଖାଇ ଦିଆଗଲା। ପରେ ସେ ଜମିକୁ ମଧ୍ୟ ଅନ୍ୟ ହିତାଧିକାରୀକୁ ଦେଖାଇ ଦିଆଗଲା। କିଛି ଦୂରରେ ରାଜସ୍ୱ ବିଭାଗ ଜମି ଦେଖାଇଦେବା ପରେ ସେଠାରେ ସେ ମୂଳଦୁଆ ପାଇଁ ଖୋଳି ପଥର ପକାଇଛନ୍ତି। ବର୍ତ୍ତମାନ ରାଜସ୍ୱ ନିରୀକ୍ଷକ ସେହି ସ୍ଥାନରେ ଘର ତିଆରି କରିବାକୁ ମନା କରୁଛନ୍ତି। ଅନ୍ୟ ଜଣେ ହିତାଧିକାରୀଙ୍କୁ ଉକ୍ତ ଜମି ଦିଆଯାଇଥିବା ସେ କହିଛନ୍ତି ବୋଲି ଲକ୍ଷ୍ମୀ ଅଭିଯୋଗ ଆଣିଛନ୍ତି। ରଞ୍ଜନ ନବରଙ୍ଗପୁର ଏକ୍ସବୋର୍ଡ ବିଦ୍ୟାଳୟରେ ଅଷ୍ଟମ ଶ୍ରେଣୀରେ ପଢୁଛନ୍ତି। ତାଙ୍କୁ ଜିଲା ଶିଶୁ ସୁରକ୍ଷା ବିଭାଗ ପକ୍ଷରୁ ପୁଷ୍ଟ ପୋଷଣ ରାଶି ୨ ହଜାର ଟଙ୍କା ସହ ଲକ୍ଷ୍ମୀ ୫ଶହ ଟଙ୍କା ବିଧବା ଭତ୍ତା ପାଉଛନ୍ତି। ଏଥିରେ ନିଜର ଔଷଧପତ୍ର ଓ ସହ ମାଆ ପୁଅ ଚଳୁଛନ୍ତି। ରଞ୍ଜନ ଘରେ ରୋଷେଇ ସହ ମା'ଙ୍କ ସେବା କରି ପାଠ ପଢୁଛନ୍ତି। ପ୍ରଶାସନ ସେମାନଙ୍କ ଦୁଃଖ ବୁଝନ୍ତୁ ବୋଲି ଦାବି ହୋଇଛି। ଏ ନେଇ ରାଜସ୍ୱ ନିରୀକ୍ଷକ ବିଜୟ ମାଝିଙ୍କୁ ପଚାରିବାରୁ ଜମି ଚିହ୍ନଟ(ଡିମାର୍କେସନ) ପାଇଁ ୧୫ ତାରିଖରେ ତହସିଲ କାର୍ଯ୍ୟାଳୟରେ ଆବେଦନ ହୋଇଛି। ରାଜସ୍ୱ ବିଭାଗ ଓ ପୋଲିସଙ୍କ ଉପସ୍ଥିତିରେ ହିତାଧିକାରୀଙ୍କୁ ଜମି ଚିହ୍ନଟକରି ଦେଖାଇ ଦିଆଯିବ ବୋଲି ସେ କହିଛନ୍ତି।

